**ଯୁବକ ନିଖୋଜ ଅଭିଯୋଗ**

**ବାରଙ୍ଗ,(ଡି.ଏନ୍.ଏ.):** ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମ ମାଉସୀ ମା' ମନ୍ଦିର ଛକସ୍ଥିତ ବିଚିତ୍ର ସେଠୀଙ୍କ ଲଣ୍ଡ୍ରିରେ କାମ କରୁଥିବା ବିହାରର ଜଳନ୍ଧର ରଜକଙ୍କ ପୁଅ ମୁକେଶ ନିଖୋଜ ଥିବା ନେଇ ଗୁରୁବାର ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୦/୨୧)ରୁଜୁକରି ତଦନ୍ତ ଆରମ୍ଭ କରିଛି। ମୁକେଶଙ୍କ ଘର ବିହାରର କାରଜା ଥାନା ଅଞ୍ଚଳରେ। ଗତ ୧ତାରିଖରେ ମୁକେଶ ଘରକୁ ଯାଉଥିବା ନେଇ ତାଙ୍କ ମା'ଙ୍କୁ ଫୋନ ଦ୍ୱାରା କହିଥିଲେ। କିନ୍ତୁ ସେ ଘରେ ନ ପହଞ୍ଚିବାରୁ ତାଙ୍କ ବାପା ଜଳନ୍ଧର ଭୁବନେଶ୍ୱର ଆସି ନନ୍ଦନକାନନ ଥାନାରେ ଅଭିଯୋଗ କରିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- 'ଦ ହିଲିଂ ଟଚ୍' କ୍ଷୁଦ୍ର ଚଳଚ୍ଚିତ୍ରର ପ୍ରଦର୍ଶନୀ, ଓୟୁଜେ ଭବନ, ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ମାଟି ଅନୁକୂଳ, କୁଆଖାଇ ନଦୀ, ଅପରାହ୍ନ ୧ଟା ୩୦।

# ଜାଲ୍ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅ

## ଜିଲା ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ



ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ଜାଲ୍ ଶିକ୍ଷକଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଓ ବ୍ଲକ୍ ଶିକ୍ଷାଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବ ଅଧ୍ୟକ୍ଷତା କରି ଶିକ୍ଷା ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଇ-ପାଠଶାଳା ଓ ଇ-ମୂଲ୍ୟାୟନର ବ୍ୟାପକତା, ଶିକ୍ଷାର ଭିତ୍ତିଭୂମି ସୁଦୃଢ଼, ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ କହିଲେ, କୃତୀ ଛାତ୍ରୀଛାତ୍ରଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରାଗଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ ପୂରଣ ହୋଇପାରିବ। ଜିଲା ଶିକ୍ଷା ଅଧିକାରୀମାନେ ସଂପୃକ୍ତ ଜିଲାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର ସମସ୍ୟା ତଦାରଖ କରିବା ସହିତ ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରନ୍ତୁ। 'ମୋ ସ୍କୁଲ' ଅଭିଯାନରେ ଉଚ୍ଚ ମାଧ୍ୟମିକ ରୂପାନ୍ତରଣ ନିମନ୍ତେ ପ୍ରାୟ ୭୫୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କିଛି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିସହ ସେ ବିଭାଗ ଦ୍ୱାରା କ୍ୟାରିୟର କାଉନ୍ସେଲିଂ ପୋର୍ଟାଲର ବ୍ୟାପକ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ପ୍ରସାଦ ତ୍ରିପାଠୀ ଆଦର୍ଶ ବିଦ୍ୟାଳୟ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି, ଧନ୍ଦାମୂଳକ ଶିକ୍ଷା, ନ୍ୟାଶନାଲ ଆଚିଭ୍‌ମେଣ୍ଟ ସର୍ଭେ (ଏନ୍ଏଏସ୍) ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି, ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା କର୍ମଚାରୀ ଓ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ନିଜେ ନିୟମିତ ଶିକ୍ଷା ରୁଟିନ୍ ଅନୁଯାୟୀ ଶିକ୍ଷାଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଶିକ୍ଷା ଅଧିକାରୀମାନେ ଭର୍ଚୁଆଲରେ ଯୋଗଦେଇଥିଲେ।

## ଆଜି ବିଶ୍ୱକର୍ମା ପୂଜା



ଗୁରୁବାର ଭୁବନେଶ୍ୱରର ଏକ ଦୋକାନରେ ଗ୍ରାହକମାନେ ମୂର୍ତ୍ତି କିଣୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଲୋକାୟୁକ୍ତ ସଦସ୍ୟଙ୍କ ପୁସ୍ତକ ପ୍ରଦାନ

**ଭୁବନେଶ୍ୱର, ୧୬।୯ (ବ୍ୟୁରୋ):** ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ ଗୁରୁବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ତାଙ୍କ ରଚିତ ପୁସ୍ତକ 'ସିକ୍ରେଟ୍ସ ଅଫ୍ ଶିମିଳିପାଳ-ଏ ୱଣ୍ଡର ଲ୍ୟାଣ୍ଡ ଅଫ୍ ଏଲିଫ୍ୟାଣ୍ଟ୍ସ ଆଣ୍ଡ ମେଲାନିଷ୍ଟିକ୍ ଟାଇଗର୍ସ' ପ୍ରଦାନ କରିଛନ୍ତି। ଏହି ପୁସ୍ତକକୁ ନୂଆଦିଲ୍ଲୀସ୍ଥିତ ଆସ୍ୱଲ୍ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେଶନ, ଓଡ଼ିଶା ପକ୍ଷରୁ ମିଳିତ ଭାବେ ପ୍ରକାଶ କରାଯାଇଛି। ଶିମିଳିପାଳ ଏବଂ ଏହାର ବାୟୋଡାଇଭରସିଟି ସମ୍ପର୍କରେ ଉଲ୍ଲେଖ କରିଥିବାରୁ ମୁଖ୍ୟମନ୍ତ୍ରୀ ଲେଖକଙ୍କୁ ପ୍ରଶଂସା କରିଛନ୍ତି। ଏହି ପୁସ୍ତକରେ ଶିମିଳିପାଳର ବିବିଧତା ଏବଂ ବାୟୋଡାଇଭରସିଟି ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ପୁସ୍ତକ ଗବେଷକ, ବନ୍ୟପ୍ରେମୀ ଓ ପ୍ରକୃତିପ୍ରେମୀଙ୍କ ପାଇଁ ବେଶ୍ ଉପାଦେୟ ହୋଇପାରିବ।

## ରାଜ୍ୟ ଭାଜପା ନେତାଙ୍କ ସୁରଟ ଗସ୍ତ ଆଜି

**ଭୁବନେଶ୍ୱର,୧୬।୯(ବ୍ୟୁରୋ):** ରାଜନୈତିକ କାର୍ଯ୍ୟ ଶୈଳୀ ଓ ସାଙ୍ଗଠନିକ କାର୍ଯ୍ୟଧାରାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ଭାଜପାର ୯ ଜଣିଆ ନେତୃମଣ୍ଡଳୀ ଶୁକ୍ରବାର ଗୁଜରାଟ ଯାତ୍ରା କରିବେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିର୍ଦ୍ଦେଶ ତଥା ପ୍ରଦେଶ ଅଧ୍ୟକ୍ଷ ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଏହି ଦଳ ୧୭,୧୮ ଓ ୧୯ ୩ଦିନ ଧରି ସୁରଟଠାରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବେ। ସେଠାରେ ଭାଜପା ନେତାମାନେ ସାଙ୍ଗଠନିକ ସ୍ଥିତି ଓ ବ୍ୟବସ୍ଥା ତଥା ସାଙ୍ଗଠନିକ ବୈଠକର ବିଶେଷ ଅନୁଧ୍ୟାନ କରିବେ। ଏହି ଦଳରେ ଭୁବନେଶ୍ୱର ଏମ୍‌ପି, ରାଜ୍ୟ ଉପସଭାପତି ତଥା ରାଷ୍ଟ୍ରୀୟ ମୁଖପାତ୍ର ଅପରାଜିତା ଷଡ଼ଙ୍ଗୀ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ଉପସଭାପତି ଭୃଗୁ ବକ୍ସିପାତ୍ର, ବିଧାୟକ ନାଉରି ନାଏକ, ମୁକେଶ ମହାଲିଙ୍ଗ, ସମ୍ପାଦକ ଅଭିମନ୍ୟୁ ସେଠୀ, ପୂର୍ବତନ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ପୂର୍ବତନ ସମ୍ପାଦକ ଅଶୋକ ମିଶ୍ର ଓ ଭାଜପା ଆଇଟି ବିଭାଗ ପ୍ରମୁଖ ସ୍ୱୟଂ ପ୍ରକାଶ ବିଶ୍ୱାଳ ଆଦି ରହିଥିବା ରାଜ୍ୟ ମିଡ଼ିଆ ବିଭାଗ ପ୍ରମୁଖ ଦିଲୀପ ମଲ୍ଲିକ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

## ବ୍ଲକ ଅଫିସ ଆଗରେ ବିକ୍ଷୋଭ

**ବାରଙ୍ଗ,୧୬।୯(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ସମ୍ମୁଖରେ ଗୁରୁବାର ୧୫ଦଫା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଚନ୍ଦକା ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚନ୍ଦକା ଅଞ୍ଚଳର ଗରିବ ଆଦିବାସୀ, ଦଳିତ ଏବଂ ସାଧାରଣ ଲୋକଙ୍କ କମି, ଘରଡିହ ପଟ୍ଟା, ଜଙ୍ଗଲ ଜମିର ଅଧିକାର, ପିଇବା ପାଣି, ବିଦ୍ୟୁତ୍, ରାସ୍ତାଘାଟ ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ବ୍ୟବସ୍ଥା ଆଦି ଦାବି ଅନ୍ତର୍ଭୁକ୍ତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ସାଲ ମାରାଣ୍ଡି, ଜୟ ପ୍ରକାଶ ଭଞ୍ଜଦେଓ, ବିକଳି ଦେହୁରୀ, ସାବିତ୍ରୀ ହେମ୍ବ୍ରମ, ମଙ୍ଗୁଳି ଚାତର ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ୟା ଅଞ୍ଚଳକୁ ଗଲା ଏନ୍‌ଡିଆର୍‌ଏଫ୍‌ର ୩ ଟିମ୍

**ବାରଙ୍ଗ,୧୬।୯(ଡି.ଏନ୍.ଏ.):** ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ଗୁରୁବାର ୩ଟି ସ୍ଥାନକୁ ଯାତ୍ରା କରିଛନ୍ତି। ପ୍ରତି ଟିମ୍‌ରେ ୨୪ଜଣ ଲେଖାଏ ଯବାନ ରହିଥିବା ବେଳେ ଏମାନଙ୍କ ଦାୟିତ୍ୱରେ ଥିବା ୩ ଇନ୍ସପେକ୍ଟରଙ୍କୁ ମିଶାଇ ମୋଟ୍ ୭୫ଜଣ ରହିଛନ୍ତି। ଇନ୍ସପେକ୍ଟର ଏସ.କେ. ଶାନ୍ତିଙ୍କ ନେତୃତ୍ୱରେ କେନ୍ଦ୍ରାପଡା, ଇନ୍ସପେକ୍ଟର ନରେନ୍ଦ୍ର କୁମାରଙ୍କ ନେତୃତ୍ୱରେ ପୁରୀ, ଇନ୍ସପେକ୍ଟର ଅମିତ ଗୁପ୍ତାଙ୍କ ନେତୃତ୍ୱରେ କଟକ ଜିଲାରେ ବନ୍ୟା ଆଶଙ୍କା ଥିବା ବିଭିନ୍ନ ସ୍ଥାନକୁ ଏହି ଟିମ୍ ଯାତ୍ରା କରିଛି। ଏହି ୩ଟିମ୍ ବନ୍ୟା ପ୍ଲାବିତ ଅଞ୍ଚଳକୁ ଯାଇ ଲୋକଙ୍କୁ ଉଦ୍ଧାର କରିବା ସହ ଆବଶ୍ୟକତାକୁ ଦେଖି ବିଭିନ୍ନ କାର୍ଯ୍ୟ କରିବେ। ତେବେ ସମ୍ଭାବ୍ୟ ବନ୍ୟା ସ୍ଥିତିକୁ ଲକ୍ଷ୍ୟ କରି ମୁକାବିଲା ପାଇଁ ଅଧିକ ଟିମ୍ ପ୍ରସ୍ତୁତ ରହିଛି।

# ସିପିଆଇଏମ୍‌ର ଧାରଣା, ସରକାରଙ୍କୁ ସ୍ମାରକପତ୍ର




ବିଏମ୍‌ସି ଅଫିସ୍ ସମ୍ମୁଖରେ ସିପିଆଇ(ଏମ୍) ପକ୍ଷରୁ ବିକ୍ଷୋଭ।

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

କେନ୍ଦ୍ର, ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ଓ ଦରବୃଦ୍ଧିର ପ୍ରତିବାଦ କରିବା ସହିତ ଲୋକଙ୍କ ଜୀବନଜୀବିକା ସମସ୍ୟାର ସମାଧାନ କରିବା ଦାବିରେ ଗୁରୁବାର ଆନ୍ଦୋଳନକୁ ଓହ୍ଲାଇଥିଲା ସିପିଆଇଏମ୍‌ର ଭୁବନେଶ୍ୱର ଆଞ୍ଚଳିକ କମିଟି। କମିଟି ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଏମ୍‌ସି କମିଶନରଙ୍କ ଜରିଆରେ ୧୮ ଦଫା ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଭୁବନେଶ୍ୱରର ସାମ୍ପ୍ରତିକ ସମସ୍ୟାକୁ ଆଧାର କରି ୭ ଦଫା ସମ୍ବଳିତ ସ୍ମାରକପତ୍ର ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ଦିଆଯାଇଥିଲା। ଭୂମିହୀନ ବସ୍ତିବାସିନ୍ଦାଙ୍କ ପାଇଁ ଜମି ଅଧିକାର ପ୍ରଦାନ ନିମନ୍ତେ ୨୦୧୭ ଆଇନକୁ ସଂଶୋଧନ କରିବା ରାସ୍ତା ଘାଟ, ନାଳ ନର୍ଦ୍ଦମା, କେନାଲ ବନ୍ଧର ଘାଇ, ଡ୍ରେନ୍ ଆଦିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ସମସ୍ତ ବସ୍ତି ଅଞ୍ଚଳ ରାସ୍ତାରେ ଆଲୋକ ବ୍ୟବସ୍ଥା, ପିଇବା ପାଣି ଓ ଡ୍ରେନେଜ୍ ବ୍ୟବସ୍ଥା କରିବା, ସହରକୁ ଜଳବନ୍ଦୀରୁ ରକ୍ଷା କରିବା ପାଇଁ 'ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍' ପ୍ରସ୍ତୁତ କରିବା, ଡ୍ରେନ୍ ପାଣି ନିଷ୍କାସନ ପାଇଁ ଅନ୍ତରାୟ ସୃଷ୍ଟି କରୁଥିବା ସମସ୍ତ ବେଆଇନ ନିର୍ମାଣକୁ ହଟାଇବା ଆଦି ବିଭିନ୍ନ ଦାବି ଏଥିରେ ଉଲ୍ଲେଖ ରହିଛି। କମିଟି ସମ୍ପାଦକ ରାମଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ଆଞ୍ଚଳିକ କମିଟି ନେତା ପ୍ରଭାତ ପାଣିଗ୍ରାହୀ, ପ୍ରଦୀପ୍ତ ନାୟକ, ରାଜ୍ୟ ଆଦିବାସୀ ନେତା ସାଲ ମାର୍ଣ୍ଡି, କ୍ୟାପଟେନ୍ ହନାଙ୍ଗା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ନିଶାମୁକ୍ତି କେନ୍ଦ୍ରର ଅନ୍ୟତମ କେୟାରଟେକର ଗିରଫ

### ଯୁବକଙ୍କୁ ହତ୍ୟା ମାମଲା

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଶହୀଦନଗର ଥାନା ପାଣ୍ଡରାସ୍ଥିତ ଏକ ନିଶାମୁକ୍ତି କେନ୍ଦ୍ରରେ ଯୁବକଙ୍କୁ ହତ୍ୟା ଘଟଣାରେ ଫେରାର ଥିବା ଅନ୍ୟତମ ଅଭିଯୁକ୍ତ ତଥା ଉକ୍ତ କେନ୍ଦ୍ରର କେୟାଟେକରଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ପିପିଲି ଥାନାଞ୍ଚଳର ବାବୁ ବେହେରା ଓରଫ କିଶନ(୨୧)। ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ତଥା ନିଶାମୁକ୍ତି କେନ୍ଦ୍ରର ମାଲିକ କୀର୍ତ୍ତି ତ୍ରିପାଠୀ ଗିରଫ ହୋଇଥିବାବେଳେ ଆଉ ୩ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଥାନା ଅଧୀନ ଜୋତ ଗ୍ରାମର ବାବାଜୀ ଚରଣ ସେଠୀ ତାଙ୍କ ପୁଅ ତ୍ରିନାଥଙ୍କୁ ଉକ୍ତ ନିଶାମୁକ୍ତି କେନ୍ଦ୍ରରେ ୬ ମାସ ତଳେ ଛାଡିଥିଲେ। ଅଗଷ୍ଟ ୫ ଅପରାହ୍ନରେ ୫ଜଣ ଅନ୍ତେବାସୀ ଖସି ପଳାଉଥିବାବେଳେ କର୍ମଚାରୀମାନେ ତ୍ରିନାଥଙ୍କ ସମେତ ୩ଜଣଙ୍କୁ ଧରିଥିଲେ। ଏହାପରେ ତ୍ରିନାଥଙ୍କୁ କେନ୍ଦ୍ରର ମୁଖ୍ୟ କୀର୍ତ୍ତି, କେୟାରଟେକରମାନେ ବାଉଁଶରେ ନିସ୍ଥୁକ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ହେଲେ ନିଶାମୁକ୍ତି କେନ୍ଦ୍ରର ଛାତ ଉପରୁ ପଡ଼ି ତ୍ରିନାଥଙ୍କ ମୃତ୍ୟୁ ହୋଇଥିବା କୀର୍ତ୍ତି ପୋଲିସକୁ କହିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ବ୍ୟବଚ୍ଛେଦ ରିପୋର୍ଟରୁ ତାଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ସ୍ପଷ୍ଟହେବାରୁ ପୋଲିସ ଅଗଷ୍ଟ ୨୪ରେ ଏକ ହତ୍ୟା ମାମଲା (ନଂ.୩୨୬/୨୧) ରୁଜୁ କରିଥିଲା।

## ଆକାଶ ପକ୍ଷରୁ ଗୌତମଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୯

ଦେଶର ପ୍ରମୁଖ ପ୍ରବେଶିକା ପରୀକ୍ଷା ଅନୁଷ୍ଠାନ 'ଆକାଶ'ର ଛାତ୍ର ଗୌରବ ଦାସ ନିକଟରେ ପ୍ରକାଶ ପାଇଥିବା ୨୦୨୧-ଜେଇଇ ମେନ ପରୀକ୍ଷା ଫଳରେ ସେ ଓଡିଶା ଟପର ସହ ସର୍ବଭାରତୀୟ ସ୍ତରରେ ୨୮ ତମ ସ୍ଥାନ ହାସଲ କରିଛନ୍ତି। ଜାତୀୟ ଟେଷ୍ଟିଂ ସଂସ୍ଥା (ଏନଟିଏ) ପକ୍ଷରୁ ଆୟୋଜିତ ଏହି ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ଗୌତମ ସାଧାରଣ ବର୍ଗରେ ୯୯.୯୯% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏ ସମ୍ପର୍କରେ ଗୌତମ କହିଛନ୍ତି ଯେ ଏହି ସଫଳତାର ଶ୍ରେୟ ମୋ ବାପା, ମା ଓ ଆକାଶ ଇନଷ୍ଟିଚ୍ୟୁଟର ସହଯୋଗ ଓ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ପ୍ରସ୍ତୁତ ସହ ମୋର କଠିନ ପରିଶ୍ରମ ଯୋଗୁ ସମ୍ଭବ ହୋଇପାରିଛି। ବିଶେଷ କରି ଆକାଶ ପକ୍ଷରୁ ଦିଆଯାଇଥିବା ପ୍ରବେଶିକା ପୁସ୍ତକ ଓ ଏହାର ଦକ୍ଷ ଗାଇଡ (ଶିକ୍ଷକ) ଓ ସ୍ୱତନ୍ତ୍ର ଡାଉଟ କ୍ଲିଅର କ୍ଲାସ ମଧ୍ୟ ଅନେକ ମାତ୍ରାରେ ସହାୟକ ହୋଇପାରିଛି। ସେହିଭଳି ଗୌତମଙ୍କ ସଫଳତା ସମ୍ପର୍କରେ ଆକାଶର ଆଞ୍ଚଳିକ ନିର୍ଦ୍ଦେଶକ ଏ.ବି ସିଂହ କହିଛନ୍ତି ଯେ କୋଭିଡ ମହାମାରୀ ସ୍ୱତ୍ତ୍ୱେ ଆକାଶର ଫଳାଫଳ ବହୁତ ଭଲ ହୋଇଛି। ବିଶେଷ କରି ଗୌତମର ସଫଳତାରେ ଆକାଶ ଗୌରାବନ୍ୱିତ ହୋଇଛି। ସେହିପରି ଆକାଶ ଏଡୁକେସନାଲ ସର୍ଭିସ ଲିମିଟେଡ (ଏଇସିଏଲ) ର ମୁଖ୍ୟ ଜେ.ଡି ଚୌଧୁରୀ ଗୌତମକୁ ଶୁଭେଚ୍ଛା ଜଣାଇବା ସହ ୨୦୨୧-ଜେଇଇ ଫଳାଫଳକୁ ନେଇ ଏଇସିଏଲ ବହୁତ ଖୁସି ଅଛି। ମହାମାରୀ କିଛି ମାତ୍ରାରେ ପିଲାଙ୍କ ପାଠପଢ଼ାରେ ବାଧକ ସାଜିଥିଲେ ମଧ୍ୟ ପିଲାଙ୍କ କଠିନ ପରିଶ୍ରମ ଓ ଏଇସିଏଲର ଅଭିଜ୍ଞ ଶିକ୍ଷକଙ୍କ ସହଯୋଗ ଅନେକାଂଶରେ ପିଲାଙ୍କ ଫଳାଫଳରେ ଦେଖିବାକୁ ମିଳିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

## ରଞ୍ଜନ କୁମାର ପାତ୍ରଙ୍କୁ 'ସାଇକଥା ଅମୃତ ସମ୍ମାନ'



ଉତ୍ସବରେ ଉପସ୍ଥିତ ଅତିଥି।

**ଭୁବନେଶ୍ୱର, ୧୬।୯ (ବ୍ୟୁରୋ):** ମାସିକ ଆଧାତ୍ମିକ ପତ୍ରିକା ସାଇ କଥା ଅମୃତର ଅଷ୍ଟମ ବାର୍ଷିକ ଉତ୍ସବ ଓ ଉନ୍ମୋଚନ କାର୍ଯ୍ୟକ୍ରମ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ନିଉ ଇନୋଭେଶନ ବିଲ୍ଡିଂରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିରିଡିରୁ ଆସିଥିବା ମୁଖ୍ୟପୂଜକ ପଙ୍କଜ ଯୋଶୀ, ବାଣୀବିହାର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, ବରିଷ୍ଠ ସାହିତ୍ୟିକା ବିଷ୍ଣୁପ୍ରିୟା ଓତା, ଡ. ସୌମ୍ୟରଞ୍ଜନ ସାମଲ, ସାମାଜିକ କର୍ମୀ ତଥା ସାଇକଥା ଅମୃତର ସମ୍ପାଦକ ପ୍ରସନ୍ନ କୁମାର ଜେନା, ପ୍ରକାଶିକା ଜୟନ୍ତୀ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦୀର୍ଘ ୨୦ ବର୍ଷ ଧରି କୁଷ୍ଠ ରୋଗୀମାନଙ୍କର ସେବା କରୁଥିବା ସମାଜସେବୀ ରଞ୍ଜନ କୁମାର ପାତ୍ରଙ୍କୁ 'ସାଇକଥା ଅମୃତ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏହା ସହିତ ଦୀର୍ଘ ୧ ମାସ ଧରି ଆୟୋଜିତ ନିମ୍ବ ବୃକ୍ଷ ଲଗା ପ୍ରତିଯୋଗିତାରେ ବିଜେତା ନମିତା ମତଗଜ ସିଂକୁ ଶିରିଡି ଦର୍ଶନ କରିବାର ସୌଭାଗ୍ୟ ପ୍ରଦାନ କରାଯାଇଛି। ସାଇକଥା ଅମୃତ ସଂପାଦକ ପ୍ରସନ୍ନ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ୨୨ କଂଗ୍ରେସ ସେବାଦଳ କର୍ମକର୍ତ୍ତାଙ୍କୁ ସ୍ମୃତି ସମ୍ମାନ

### ଗାନ୍ଧୀବାଦୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ଗାନ୍ଧୀବାଦୀ ଦୋଳଗୋବିନ୍ଦ ପ୍ରଧାନଙ୍କ ୩ୟ ଶ୍ରାଦ୍ଧବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ସ୍ୱାଧୀନତାର ୭୫ବର୍ଷ ତଥା ଅମୃତ ମହୋତ୍ସବ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନିରଞ୍ଜନ କହିଛନ୍ତି, ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ ଥିଲେ ଜଣେ ନୀତିନିଷ୍ଠ ରାଜନେତା। ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶକୁ ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ପାଳନ କରୁଥିଲେ। ତାଙ୍କ ଲିଖିତ ''ଗାନ୍ଧି କଥା'' ପୁସ୍ତକ ଗବେଷକମାନଙ୍କ ପାଇଁ ଏକ ଐତିହାସିକ ଦସ୍ତାବିଜ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ପ୍ରାଧ୍ୟାପକ ବୁଦ୍ଧଦେବ ମିଶ୍ର ସଂଗ୍ରାମୀ ଦୋଳଗୋବିନ୍ଦଙ୍କୁ ଜଣେ ଆଦର୍ଶ ପୁରୁଷ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ୨୨ଜଣ କଂଗ୍ରେସ ସେବାଦଳର ବରିଷ୍ଠ କର୍ମକର୍ତ୍ତାଙ୍କୁ ଦୋଳଗୋବିନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରିବା ସହ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ପ୍ରଦେଶ କଂଗ୍ରେସ ଉପସଭାପତି ଯଜ୍ଞେଶ୍ୱର ବାବୁ, ପଛୁଆ ଜାତି ସେଲର ଅଧ୍ୟକ୍ଷ ଜ୍ଞାନଦେବ ବେଉରା ଓ ଶିକ୍ଷାବିତ ବଦ୍ରିନାଥ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା।

# ୧.୨ କେଜି ବ୍ରାଉନସୁଗାର ଜବତ, ୨୮ ବେପାରି ଗିରଫ

### 'ହ୍ୱାଇଟ୍ ସ୍ୱାଇଡର୍' ଅଭିଯାନକୁ ମାସେ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ରାଜଧାନୀରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଥିବାରୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ କମିଶନରେଟ ପୋଲିସ ଗତ ଅଗଷ୍ଟ ୧୫ରେ 'ହ୍ୱାଇଟ୍ ସ୍ୱାଇଡର' ନାମରେ ଏକ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହି ଅଭିଯାନକୁ ଗୁରୁବାର ମାସେ ପୂରିଥିବାବେଳେ ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ, ଅଭିଯାନର ଆରମ୍ଭ ହେବାର ଏକ ମାସ ମଧ୍ୟରେ ୯ଟି ମାମଲା ରୁଜୁ କରାଯାଇଥିବାବେଳେ ୨୮ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ମୋଟ ୧ କେଜି ୨୦୦ ଗ୍ରାମ ବ୍ରାଉନସୁଗାର ଓ ୩ ଲକ୍ଷ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ମଧ୍ୟ ଜବତ କରାଯାଇଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ବ୍ରାଉନସୁଗାର କାରବାର କରୁଥିବା ବେପାରୀଙ୍କ ସମ୍ପର୍କରେ ସୂଚନା ପାଇଲେ ହ୍ୱାଟ୍ସଆପ୍ (ନଂ.୭୦୭୭୭୯୮୧୧) ମାଧ୍ୟମରେ ଜଣାନ୍ତୁ। ବ୍ରାଉନସୁଗାର ବିରୋଧରେ ଆରମ୍ଭ କରାଯାଇଥିବା ଅଭିଯାନକୁ ସଫଳ କରିବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ସଂଘମିତ୍ରା ଭଞ୍ଜଙ୍କୁ 'ପ୍ର. ବିଜୟିନୀ ମହାନ୍ତି ତାଳପଦେଶ୍ୱରୀ ସମ୍ମାନ'



ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ବିଜୟିନୀ ସ୍ମୃତି ଟ୍ରଷ୍ଟ ତରଫରୁ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ 'ଅଷ୍ଟମ ବିଜୟିନୀ ସ୍ମୃତିସଭା' ଓ ପତ୍ରିକା 'ବିଜୟିନୀ-୨୦୨୧' ଉନ୍ମୋଚିତ ହୋଇଛି। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ କୃତିତ୍ୱ ନିମନ୍ତେ ରମାଦେବୀ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ସଂଘମିତ୍ରା ଭଞ୍ଜଙ୍କୁ 'ପ୍ର. ବିଜୟିନୀ ମହାନ୍ତି ତାଳପଦେଶ୍ୱରୀ ସମ୍ମାନ' ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ, ବିଜୟିନୀ ସମସ୍ତଙ୍କୁ ଭଲ ପାଇବା ଦେଇ ମୃତ୍ୟୁକୁ ଜୟ କରିଯାଇଛନ୍ତି। ବିପଦ ଯେ ପରିବର୍ତ୍ତନ ଆଣିପାରେ ତାହା ଏହି ପୁସ୍ତକରେ ପ୍ରତିଫଳନ ହୋଇଛି। ଅତିଥି ଭାବେ ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଡା. ଆଦିକନ୍ଦ ସାହୁ ଯୋଗଦେଇଥିବାବେଳେ କଥାକାର ଡ. ଗୌରହରି ଦାସ ସଭାପତିତ୍ୱ କରିଥିଲେ। ବିଜୟିନୀ ସ୍ମୃତି ଟ୍ରଷ୍ଟ ସଭାପତି ଡା. ଇନ୍ଦ୍ରମଣି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଖଣିଜ ସମ୍ପଦ ଅନ୍ୱେଷଣ ବୃଦ୍ଧିର ଆବଶ୍ୟକତା

ଭୁବନେଶ୍ୱର,୧୬।୯




କର୍ମଶାଳାରେ ଯୋଗଦେଇଥିବା ଅତିଥି।

ଦେଶର ବିଭିନ୍ନ ପ୍ରାନ୍ତରେ ଖଣିଜ ସମ୍ପଦ ଭରପୂର ହୋଇ ରହିଛି। ଏହା ସତ୍ତ୍ୱେ ବିଦେଶରୁ ବହୁଳ ଭାବେ ଖଣିଜ ସମ୍ପଦ ଆମଦାନୀ କରାଯାଉଛି। ବର୍ତ୍ତମାନ ମାନୁଫାକ୍ଚରିଂ କ୍ଷେତ୍ର ଦ୍ରୁତ ଭାବେ ବୃଦ୍ଧି ହେଉଛି। ଏହାକୁ ଦେଖିଲେ କଞ୍ଚାମାଲ ଆବଶ୍ୟକତା ଆଗାମୀ ଦିନରେ ଆହୁରି ବଢ଼ିବ। ବର୍ଦ୍ଧିତ ଚାହିଦା ପୂରଣ ଏବଂ ଆମଦାନୀ ବିଲ୍‌କୁ କମାଇବା ଲାଗି ସାରା ଦେଶରେ ଖଣିଜ ଅନ୍ୱେଷଣ ଏବଂ ଖନନର ଆବଶ୍ୟକତା ରହିଛି ବୋଲି ଖଣି ମନ୍ତ୍ରଣାଳୟ, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସ୍‌ଆଇ) ଏବଂ ଖଣିଜ ଅନ୍ୱେଷଣ ନିଗମ ଲିମିଟେଡ (ଏମ୍‌ଇସିଏଲ) ପକ୍ଷରୁ ସ୍ଥାନୀୟ ଏକ ହୋଟେଲ ପରିସରରେ ଦିନିକିଆ କର୍ମଶାଳାରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଖଣିଜ ସମ୍ପଦର ଉପଯୁକ୍ତ ସନ୍ଧାନ ମିଳିପାରିଲେ ରାଜ୍ୟଗୁଡିକର ଆମଦାନୀ ଓ ରପ୍ତାନି କ୍ଷେତ୍ର ସହିତ ଶିଳ୍ପ ଅଭିବୃଦ୍ଧିରେ ଏହା ସହାୟକ ହେବ। ଫଳରେ ସମ୍ବଳ ସୃଷ୍ଟି ଓ ନିଯୁକ୍ତି ମଧ୍ୟ ଏହା ଜରିଆରେ ବୃଦ୍ଧି ଘଟିବ ବୋଲି ଏଠାରେ ଗୁରୁତ୍ୱାରୋପ କରାଯାଇଛି। ଜାତୀୟ ଖଣିଜ ଅନ୍ୱେଷଣ ଟ୍ରଷ୍ଟ (ଏନ୍ଏମଇଟି) ଜରିଆରେ ଓଡିଶା ସମେତ ବିହାର, ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟର ଖଣି ଏବଂ ଭୂତତ୍ତ୍ୱ ବିଜ୍ଞାନ ଓ ରାଜ୍ୟ ଖଣିଜ ସମ୍ପଦ ବିକାଶ ପ୍ରାଧିକରଣ ବିକାଶ ଉପରେ ଏଠାରେ ବିସ୍ତୃତ ଆଲୋଚନା ହୋଇଥିଲା। ଏନ୍ଏମ୍ଇଟି ପାଣ୍ଠି ଦ୍ୱାରା ଖଣିଜ ଅନ୍ୱେଷଣ ବୃଦ୍ଧି ଉପରେ ମଧ୍ୟ ଏଠାରେ ଗୁରୁତ୍ୱ ଦିଆଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଓଡ଼ିଶାର ଖଣି ଓ ଇସ୍ପାତ ବିଭାଗ ପ୍ରମୁଖ ଶାସନ ସଚିବ ଦେଓରଞ୍ଜନ ସିଂହ, ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଅନ୍ୱେଷଣ) ୟୁ.ସି ଜୋଷୀ, ଏମ୍ଇସିଏଲର ସିଏମ୍‌ଡି ଡ଼. ରଞ୍ଜିତ ରଥ, ଖଣି ମନ୍ତ୍ରଣାଳୟର ନିର୍ଦ୍ଦେଶକ ଅମିତ ସରନ, ଜିଏସ୍‌ଆଇର ପୂର୍ବାଞ୍ଚଳ ଜୋନ (ବିଭାଗୀୟ ମୁଖ୍ୟ) ଜୟ ଲାଲ, ଜିଏସ୍‌ଆଇର ଦକ୍ଷିଣାଞ୍ଚଳ ଜୋନ ଏଡିଜି ତଥା ଟିସିସି ଓ ଏନ୍ଏମ୍ଇଟିର ଅଧ୍ୟକ୍ଷ ଜନାର୍ଦ୍ଦନ ପ୍ରସାଦ ଏବଂ ଓଡିଶା ଖଣି ନିଗମର ସିଏମ୍‌ଡି ବଲୱନ୍ତ ସିଂଙ୍କ ବିଭିନ୍ନ କ୍ଷେତ୍ରର ପ୍ରତିନିଧି ଯୋଗ ଦେଇଥିଲେ।

## ‘ବାସୁଦେବ ଜଣେ ଦକ୍ଷ ସଙ୍ଗଠକ ଥିଲେ’

ବୋଲଗଡ଼,(ଡି.ଏନ୍.ଏ.): ବାଲଗଡ଼ ଅଞ୍ଚଳର ସାମାଜିକର୍ମୀ ବାସୁଦେବ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଗୁରୁବାର ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ଅନୁଷ୍ଠାନ ନନ୍ଦିଘୋଷ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ଅନୁଷ୍ଠାନର ସଭାପତି ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ କହିଥିଲେ, ସ୍ୱର୍ଗତ ପଟ୍ଟନାୟକ ଜଣେ ଦକ୍ଷ ସଙ୍ଗଠକ ଓ ପରୋପକାରୀ ବ୍ୟକ୍ତିଭାବେ ପରିଚିତ ଥିଲେ। ସାଂସ୍କୃତିକ ଅନୁଷ୍ଠାନ ନନ୍ଦିଘୋଷ ଗଢ଼ିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ମାନକେତନ ପାଢ଼ଶାଣୀ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ହାଇୱା ଧକ୍କାରେ ଯୁବକ ମୃତ, ୨ ଗୁରୁତର

ଟାଙ୍ଗୀ(ଖୋର୍ଦ୍ଧା),୧୬।୯(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ କୟଥପଲା ନିକଟରେ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କୟଥପଲା ଗ୍ରାମର ଗଣେଶ ବାରିକ(୩୦)। ଗୁରୁତର ବଙ୍ଗାଳି ବାରିକ ଓ କାମିନୀ ବେହେରାଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତରମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ଖବରପାଇ ବାଲୁଗାଁ ଏସ୍‌ଡିପିଓ, ଟାଙ୍ଗୀ ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ୨ ବାଇକ୍ ଜବତ, ଜଣେ ଗିରଫ

ନିରାକାରପୁର,୧୬।୯(ଡି.ଏନ୍.ଏ.): ଜଙ୍କିଆ ଥାନା ପୋଲିସ ଜଣେ ବାଇକ୍ ଲୁଟେରାଙ୍କୁ ଗିରଫ କରିବା ସହ ୨ଟି ବାଇକ ଜବତ କରିଛି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ସଦର ଥାନା ଅଧୀନ ବାରଘରପାଟଣା ଅଞ୍ଚଳର ଦେବ ଶ୍ରୀଚନ୍ଦନ। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୨୦୦/୨୧)ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜଙ୍କିଆ ଗ୍ରାମର ପ୍ରଭନ ମହାରଣାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଜଙ୍କିଆ ଥାନାରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଶ୍ରୀଚନ୍ଦନଙ୍କୁ ଗିରଫ କରିଥିଲା। ଶ୍ରୀଚନ୍ଦନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ମାମଲା ରହିଛି ବୋଲି ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

### ୨୫ ପେଟି ଗୋ ମାଂସ ଜବତ

ଜଟଣୀ,୧୬।୯(ଡି.ଏନ୍.ଏ.): ଜଟଣୀ ଥାନା ଅଞ୍ଚଳରେ ଗୋ ମାଂସ ଚାଲାଣ ବଢ଼ିବାରେ ଲାଗିଛି। ଏହି ଥାନା ଅନ୍ତର୍ଗତ ବେଣାପଞ୍ଜରୀ ଅଞ୍ଚଳରେ ଗୁରୁବାର ପୋଲିସ ଚଢ଼ାଉ କରି ୨୫ପେଟି ଗୋ ମାଂସ ଜବତ କରିବା ସହ ନମୁନା ପରୀକ୍ଷା ଲାଗି ପଠାଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ। ତେବେ କୌଣସି ଅପ୍ରିତିକର ପରିସ୍ଥିତିକୁ ରୋକିବା ପାଇଁ ଜଟଣୀ ପୋଲିସ ପକ୍ଷରୁ ନଜର ରଖାଯାଇଛି ବୋଲି ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ସୂଚନାଥାଉ କି, ବେଣାପଞ୍ଜରୀ ଗ୍ରାମରେ ମଙ୍ଗଳବାର ଗୋ ମାଂସ ଚାଲାଣ ହେଉଥିବା ଖବର ପାଇ ପୋଲିସ ପହଞ୍ଚି ଟ୍ରକ ଓ ୨୪ପେଟି ଗୋ ମାଂସ ଜବତ କରିବା ସହ ଜଣଙ୍କୁ ଗିରଫ କରିଥଲା।

### ୮୧ୟୁନିଟ୍ ରକ୍ତ ସଂଗ୍ରହ

ବାଲୁଗାଁ,୧୬।୯(ଡି.ଏନ୍.ଏ.): ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ୧ନଂ ୱାର୍ଡ ତାଳପଟି ସାହିର ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ ମା’କାଳିଯାଈ ଧର୍ମଶାଳା ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପୂର୍ବତନ ବିଧାୟକ ରଘୁନାଥ ସାହୁ ଉଦ୍‌ଘାଟନ କରିଥିଲେ। ମୋଟ୍ ୮୧ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଗୋପବନ୍ଧୁ ଯୁବକ ସଂଘର ସଭାପତି ଅଜୟ ସରକାର, ସମ୍ପାଦକ ସଞ୍ଜୟ କୁମାର ସରକାର, ଭରତ ମଣ୍ଡଳ, ଗଣେଶ ପ୍ରଧାନ, ସୁକାନ୍ତ ମାଝୀ, ସେକ୍ ଜାଭିର, ସୁଧାଂଶୁ ଶେଖର ପରିଡ଼ା ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

# ଜାଲ୍ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅ

### ଜିଲା ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

ଜାଲ୍ ଶିକ୍ଷକଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଓ ବ୍ଲକ୍ ଶିକ୍ଷାଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବ ଅଧ୍ୟକ୍ଷତା କରିଶିକ୍ଷା ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଇ-ପାଠଶାଳା ଓ ଇ-ମୂଲ୍ୟାୟନର ବ୍ୟାପକତା, ଶିକ୍ଷାର ଭିତ୍ତିଭୂମି ସୁଦୃଢ଼, ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ କହିଲେ, କୃତୀ ଛାତ୍ରୀଛାତ୍ରଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରାଗଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଲକ୍ଷ୍ୟ ପୂରଣ ହୋଇପାରିବ। ଜିଲା


ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

ଶିକ୍ଷା ଅଧିକାରୀମାନେ ସଂପୃକ୍ତ ଜିଲାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର ସମସ୍ୟା ତଦାରଖ କରିବା ସହିତ ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରନ୍ତୁ। ‘ମୋ ସ୍କୁଲ’ ଅଭିଯାନରେ ଉଚ୍ଚ ମାଧ୍ୟମିକ ରୂପାନ୍ତରଣ ନିମନ୍ତେ ପ୍ରାୟ ୭୫୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କିଛି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିସହ ସେ ବିଭାଗ ଦ୍ୱାରା କ୍ୟାରିୟର କାଉନ୍‌ସେଲିଂ ପୋର୍ଟାଲର ବ୍ୟାପକ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ପ୍ରସାଦ ତ୍ରିପାଠୀ ଆଦର୍ଶ ବିଦ୍ୟାଳୟ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି, ଧନ୍ଦାମୂଳକ ଶିକ୍ଷା, ନ୍ୟାଶନାଲ ଆଚିଭ୍‌ମେଣ୍ଟ ସର୍ଭେ (ଏନ୍‌ଏଏସ୍) ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି, ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା କର୍ମଚାରୀ ଓ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ନିଜେ ନିୟମିତ ଶିକ୍ଷା ରୁଟିନ୍ ଅନୁଯାୟୀ ଶିକ୍ଷାଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଶିକ୍ଷା ଅଧିକାରୀମାନେ ଭର୍ଚୁଆଲରେ ଯୋଗଦେଇଥିଲେ।

# କାଦୁଅରେ ଭର୍ତ୍ତି ମଞ୍ଜାରିଆପାଟଣା ରାସ୍ତା



ନିରାକାରପୁର,୧୬।୯(ଡି.ଏନ୍.ଏ.)

ସରକାର ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ରାସ୍ତା ଭଲ ନ ଥିବାରୁ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। କେଉଁଠି ଠିକାଦାରଙ୍କ ମନମାନି ତ’ଆଉ କେଉଁଠି ବିଭାଗୀୟ ଅଧିକାରୀଙ୍କ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ପ୍ରକଳ୍ପ ବ୍ୟର୍ଥ ଯାଉଛି। ଖୋର୍ଦ୍ଧା ଜିଲା ନୂଆ ଜଗନ୍ନାଥ ସଡ଼କ ଠାରୁ ମଞ୍ଜାରିଆ ପାଟଣା ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଖାଲଖମା ସହ କାଦୁଅ ହେବାରୁ ମରଣଯନ୍ତା ପାଲଟିଛି। ଅସରାଏ ବର୍ଷା ହେଲେ ରାସ୍ତାରେ ହୋଇଥିବା ଖାଲଖମାରେ ପାଣି ଭର୍ତ୍ତି ହୋଇଯିବାରୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏଥିସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏନେଇ ସ୍ଥାନୀୟ ବାସିନ୍ଦା ଜନପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ‘ନୂଆଁଖାଇ ସଂସ୍କୃତିର ପରିଚୟ ବହନ କରେ’

ଖୋର୍ଦ୍ଧା ଅଫିସ,୧୬।୯

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱାଧୀନତାର ୭୫ବର୍ଷ ଅମୃତ ମହୋତ୍ସବ ପାଳନ ଅବସରରେ ଖୋର୍ଦ୍ଧା ସଦର ମହାକୁମାରେ ନୂଆଁଖାଇ-୨୦୨୧ ଉତ୍ସବ ଗୁରୁବାର ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ମନୋଜ ପାଢୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ନୂଆଁଖାଇ ଏକ କୃଷିଭିତ୍ତିକ ପର୍ବ। ଏହା ପଶ୍ଚିମ ଓଡ଼ିଶାର ଗଣପର୍ବ। ଭାଇଚାରା ଏବଂ ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧାର ବାର୍ତ୍ତା ବହନ କରିଥାଏ। କୃଷିର ବିକାଶ ଘଟିଲେ, ଦେଶର ସମୃଦ୍ଧି ଘଟିବ। ଭାରତୀୟ ସନାତନ ସଂସ୍କୃତି ବିଶ୍ୱକୁ ମାର୍ଗଦର୍ଶନ କରୁଛି। ବସୁଧୈବ କୁଟୁମ୍ବକମର ବାର୍ତ୍ତା ଦେଇ ଆସୁଥିବା ଭାରତବର୍ଷ ସଂସ୍କୃତି, ପରମ୍ପରା ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି। ଉତ୍କଳୀୟ ସଂସ୍କୃତି, ଭାସ୍କର୍ଯ୍ୟ, କଳା କାରିଗରି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ନୂଆଁଖାଇ ପର୍ବ ସମନ୍ୱୟ ଓ ଆତ୍ମୀୟତାର ପରିଚୟ ବହନ କରିଥାଏ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତାଭାବେ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ଯୋଗଦେଇ ଓଡ଼ିଶା ସଂସ୍କୃତିରେ ନୂଆଁଖାଇ ପର୍ବ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରି କହିଥିଲେ, ସଂସ୍କୃତ ଓ ପରମ୍ପରା ହେଉଛି ଗୋଟିଏ ଜାତିର ପରିଚୟ। ନୂଆଁଖାଇର ପ୍ରଭାବ ସମଗ୍ର ଓଡ଼ିଶାରେ ପ୍ରତିଫଳିତ ହୋଇଥାଏ। ନୂଆଁଖାଇ ପର୍ବ ଆସିଲେ, ଓଡ଼ିଶାର ପୁରପଲ୍ଲୀରେ ଚାଷୀଭାଇଙ୍କ ମଧ୍ୟରେ ଆନନ୍ଦ, ଉଲ୍ଲାସଭାବ ଦେଖିବାକୁ ମିଳେ। ଐତିହ୍ୟ ଗବେଷକ ପ୍ରଫେସର ନାରାୟଣ ରାଓ ଓ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ଅତିଥିଭାବେ ଯୋଗଦେଇ କହିଥିଲେ, ନୂଆଁଖାଇ ଭ୍ରାତୃତ୍ୱ ଓ ବନ୍ଧୁତ୍ୱର ବାର୍ତ୍ତା ବହନ କରିଥାଏ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ, ଭୀମସେନ ପ୍ରଧାନ, ଜିଲା କଳା ସଂସ୍କୃତି ସଂଘ ଉପସଭାପତି ରାମଚନ୍ଦ୍ର କର, ଶ୍ୟାମ ସୁନ୍ଦର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଭାତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତ୍ରିପୁରାରେ ସିପିଆଇଏମ୍ କର୍ମୀଙ୍କ ଉପରେ ଆକ୍ରମଣ ଓ କାର୍ଯ୍ୟାଳୟ ଭଙ୍ଗାରୁଜା ପ୍ରତିବାଦରେ ଗୁରୁବାର ଖୋର୍ଦ୍ଧା ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସତ୍ୟନଗର ରାସ୍ତା ଦେଖିଲେ ଏନ୍‌ଏସି କର୍ତ୍ତୃପକ୍ଷ

ବାଲୁଗାଁ,୧୬।୯(ଡି.ଏନ୍.ଏ.)

ଚିଲିକା ନିର୍ବାଚନମଣ୍ଡଳୀର ବିକାଶ କାର୍ଯ୍ୟରେ ହଜାରେ କୋଟି ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଥିବା ବେଳେ ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ୯ନଂ.ୱାର୍ଡ ସତ୍ୟନଗର ରାସ୍ତା ଅଧାପନ୍ତରିଆ ହୋଇପଡ଼ିଛି। ଏନେଇ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ବାଲୁଗାଁ ଏନ୍‌ଏସି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର ଓ କର୍ମଚାରୀମାନେ ସତ୍ୟନଗରର ରାସ୍ତାର ତଦାରଖ କରିଥିଲେ। ଖୁବ୍‌ଶୀଘ୍ର ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଗୋଏଙ୍କା ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ସତ୍ୟନଗର ସାହି ୧୯୮୫ରୁ ଗଢ଼ି ଉଠିଥିବା ବେଳେ ଗମନାଗମନର ସୁବିଧା ନ ଥିଲା। ୨୦୦୯ରେ ରଘୁନାଥ ବିଶ୍ୱାଳ ୨୫ଫୁଟ ଓସାରରେ ୩୨୫ଫୁଟ ଲମ୍ବ ବିଶିଷ୍ଟ ଜମି ଏକ ପ୍ରସ୍ତାବିତ ରାସ୍ତା ପାଇଁ ଏନ୍‌ଏସିକୁ ହସ୍ତାନ୍ତର କରିଥିଲେ। ତତ୍କାଳୀନ କାଉନସିଲର ଉକ୍ତ ଜମିରେ ୨୧୨ଫୁଟ ରାସ୍ତା ନିର୍ମାଣ କରିଥିଲେ। ଅବଶିଷ୍ଟ ରାସ୍ତା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଫଳରେ ସାହି ବାସିନ୍ଦା ବର୍ଷାଦିନେ ଯାତାୟାତ କରିବାରେ ହଇରାଣ ହେଉଥିଲେ। ଏନେଇ ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏହା ପରେ ସାହି ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ହସ୍ତକ୍ଷେପ ଲୋଡ଼ିଥିଲେ।

# ୩ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ


ପାଣି ଘେରରେ ରହିଥିବା ଗାଁ।

ଖୋର୍ଦ୍ଧା ଅଫିସ/
ନିରାକାରପୁର, ୧୬।୯(ଡି.ଏନ୍.ଏ.)

ହୀରାକୁଦ ଗେଟ ଖୋଲିବା ପରେ ମହାନଦୀର ଶାଖା ନଦୀ ରାଜୁଆ, ମଲାଗୁଣୀ ଓ ଦୟାରେ ଜଳସ୍ତର ବଢ଼ିବାରେ ଲାଗିଛି। ଏହାର ପ୍ରଭାବରେ ଖୋର୍ଦ୍ଧା ବ୍ଲକ ଓରବରସିଂ, ହିରିମୂଳ ଓ ଡିଡଖଳା ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଗ୍ରାମରେ ବନ୍ୟାଜଳ ପ୍ରବେଶ କରବା ସହ ହିରିମୂଳ ଏବଂ ଡିହଖଳାରେ ଆଣ୍ଠୁଏ ଉଚ୍ଚରେ ପାଣି ଚାଲିଛି। ହିରିମୂଳ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏକାଧିକ ଚାଷଜମିରେ ପାଣି ଜମି ରହିଛି। ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଅନ୍ୟପଟେ ଖୋର୍ଦ୍ଧା ତହସିଲଦାର ପଦ୍ମଚରଣ ସାହୁ କହିଛନ୍ତି, ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ହିରିମୂଳ ଗ୍ରାମରେ ଗୋଟିଏ ଡଙ୍ଗା ପ୍ରସ୍ତୁତ ରହିଛି। ବନ୍ୟାଜଳ ବଢ଼ିଲେ, ଗ୍ରାମବାସୀଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବ। ସ୍ଥାନୀୟ ସରପଞ୍ଚ, ଜନପ୍ରତିନିଧି ଘଟଣା ସ୍ଥଳରେ ପରିସ୍ଥିତି ଉପରେ ନଜର ରଖିଛନ୍ତି। ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଜିଲାପାଳ ସନତ ମହାନ୍ତି କହିଛନ୍ତି, ବନ୍ୟା ପରିସ୍ଥିତି ମୁକାବିଲା ପ୍ରଶାସନ ପ୍ରସ୍ତୁତ ରହିଛି। ସମସ୍ତ ସୁବିଧା ସୁଯୋଗ ଯୋଗାଇଦିଆଯିବ।

ପ୍ରକାଶ ଯେ, ମହାନଦୀର ଜଳସ୍ତର ବଢ଼ିବା ପ୍ରଭାବରେ ଶାଖା ନଦୀ ବନ୍ୟାଜଳ ପ୍ରଭାବିତ ହୋଇଥାଏ। ଫଳରେ ଖୋର୍ଦ୍ଧା ବ୍ଲକର ଓରବରସିଂ, ନରଣଗଡ ଏବଂ ବ୍ରଜମୋହନପୁର ପଞ୍ଚାୟତର ଏକାଧିକ ଗ୍ରାମରେ ବନ୍ୟାଜଳ ପ୍ରଭାବିତ ହୋଇଥାଏ।

ଓରବରସିଂ ପଞ୍ଚାୟତର ହିରିମୂଳ, ଡିହଖଳା, ଓରବରସିଂ, ମଶାଣିଆ, କୃଷ୍ଣପୁର, ରାୟପୁର, ନରଣଗଡ ପଞ୍ଚାୟତର ମାନପୁର, ଧବଳପୁର, ବଳପୁର, ଓରମି ଏବଂ ବ୍ରଜମୋହନପୁର ପଞ୍ଚାୟତର ଶରଧାପୁର ଆଦି ଗ୍ରାମ ଜଳମଗ୍ନ ହୋଇଥାଏ। ପ୍ରତିବର୍ଷ ଏହି ୩ ପଞ୍ଚାୟତରେ ବନ୍ୟାଜଳ ସମସ୍ୟା ଲାଗି ରହିଛି। ରାଜୁଆ,ମଲାଗୁଣୀ ନଦୀ ଫୁଲିଲେ, ଏହି ଗ୍ରାମଗୁଡ଼ିକରେ ୪ରୁ ୫ଫୁଟ ବନ୍ୟାଜଳ ମାଡିଯାଇଥାଏ। ଗତବର୍ଷ ସ୍ୱଳ୍ପ ବୃଷ୍ଟି, ପ୍ରାକୃତିକ ବିପର୍ଯ୍ୟୟ, ଅନୁକୂଳ ପରିସ୍ଥିତି ସତ୍ତ୍ୱେ ଚାଷୀ ଧାର ଆଣି ଚାଷ କରିଥିଲେ। କିନ୍ତୁ ବନ୍ୟାଜଳ ମାଡି ଏକର ଏକର ଚାଷ ଜମି ଜଳମଗ୍ନ ହୋଇପଡ଼ିଲା। ଚଳିତ ବର୍ଷ ମଧ୍ୟ ସେହି ସମସ୍ୟା। ଏହାର ପ୍ରତିକାର ପାଇଁ ବାରମ୍ବାର ଜିଲା ପ୍ରଶାସନ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଚାଷୀମାନେ ପ୍ରତିବର୍ଷ କ୍ଷତି ସହୁଛନ୍ତି ବୋଲି କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି।

## ବିଭିନ୍ନ ଦାବିରେ ବ୍ଲକ ଅଫିସ ଆଗରେ ବିକ୍ଷୋଭ

କୃଷ୍ଣପ୍ରସାଦ,୧୬।୯(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଆଗରେ ଗୁରୁବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଆଞ୍ଚଳିକ କମିଟି ପକ୍ଷରୁ ୧୮ଦଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉମାକାନ୍ତ ଜେନା, ଜଗବନ୍ଧୁ ସେନାପତି, ଯୁବନେତା ପରେଶ ଜାଲି, ସୁଧିର କୁମାର ପତିଙ୍କ ନେତୃତ୍ୱରେ କମିଟି ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ବିକ୍ଷୋଭ ସହ ସଭା କରିଥିଲେ। ନିତ୍ୟ ବ୍ୟବହୃତ ସାମଗ୍ରୀ ଦରଦାମ୍ ବୃଦ୍ଧି, ସମସ୍ତଙ୍କୁ କରୋନା ଟିକାକରଣ, କୃଷ୍ଣପ୍ରସାଦ ବ୍ଲକକୁ ମରୁଡ଼ି ଅଞ୍ଚଳ ଘୋଷଣା, ଜହ୍ନିକୁଦା ଠାରୁ ସାତପଡା ଚିଲିକାରେ ବ୍ରିଜ ନିର୍ମାଣ, ଭାରତମାଳା ପ୍ରକଳ୍ପକୁ ପୂର୍ବ ଘୋଷିତ ଅନୁସାରେ କାର୍ଯ୍ୟକାରୀ କରିବା ଉପରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସିପିଆଇ(ଏମ୍) ଆଞ୍ଚଳିକ କମିଟି ସମ୍ପାଦକ ଉମାକାନ୍ତ ଜେନା, ନବକିଶୋର ପଲେଇ, ଅଜୟ ବରାଳ, କୈଳାସ ଚନ୍ଦ୍ର ନାୟକ, ପାଣ୍ଡବ ଜାଲି, ସନାତନ ତରେଇ ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ଆନ୍ଦୋଳନ ଚେତାବନୀ

ଟାଙ୍ଗୀ(ଖୋର୍ଦ୍ଧା),୧୬।୯(ଡି.ଏନ୍.ଏ.)

ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନ୍ଦୋଳନ ଚେତାବନୀ ଦେବା ସହ ଏକ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡ଼ିଛି। ସ୍ଥାୟୀ ବିଇଓ ନିଯୁକ୍ତି, ନିୟମିତ ଜିଲା ପରିଷଦ ଶିକ୍ଷକଙ୍କର ଡୁପ୍ଲିକେଟ ସର୍ଭିସ ବହିରେ ଲେଖାଯିବା, ସିସିଆର ପୂରଣ କରିବା ଆଦି ଦାବି ରହିଛି। ୭ଦିନରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ସଲିଳ ସ୍ୱାଇଁ, ସନ୍ତୋଷ ବେହେରା, ଗୋପାଳ କିଶୋର ସେଣ, ଦେବାନନ୍ଦ ବେହେରା, ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ କହିଛନ୍ତି।



ସ୍ୱଚ୍ଛତା ପକ୍ଷ ପରିପ୍ରେକ୍ଷୀରେ ଗୁରୁବାର ଖୋର୍ଦ୍ଧାରୋଡ ରେଳ ଷ୍ଟେଶନରେ ସଫେଇ କର୍ମଚାରୀମାନେ ଶପଥ ନେଉଛନ୍ତି।

# ଜଗଦେବ ଗିରଫ ନ ହେଲେ ଆନ୍ଦୋଳନ

ଖୋର୍ଦ୍ଧା ଅଫିସ,୧୬।୯

ଭାଜପା ନେତା ଓ ୱେବ ମିଡିଆ ପ୍ରତିନିଧିଙ୍କୁ ଆକ୍ରମଣ ଏବଂ ଜାତିଆଣ ଆକ୍ଷେପ ଘଟଣାକୁ ନେଇ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଭାଜପା ଓଡ଼ିଶା ପ୍ରଦେଶ ଅନୁସୂଚିତ ଜାତି ମୋର୍ଚ୍ଚା ତୁରନ୍ତ ଜଗଦେବଙ୍କ ଗିରଫ ଦାବି କରିଛି। ଏ ନେଇ ଗୁରୁବାର ମୋର୍ଚ୍ଚାର ଶତାଧିକ କର୍ମକର୍ତ୍ତା ନୂଆ ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ ସଭା କରିବା ସହ ଧାରଣା ଦେଇଥିଲେ। ମୋର୍ଚ୍ଚା ସାଧାରଣ ସମ୍ପାଦକ ରାଘବ ମାଝୀ, ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଜନଜାତି ମୋର୍ଚ୍ଚା ଜିଲା ସଭାପତି ଶିବ ପ୍ରସାଦ ମଲ୍ଲିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ବିଶ୍ୱଭୂଷଣ ବଡଜେନା, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ଭଞ୍ଜଦେଓ ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥିରାଜ ହରିଚନ୍ଦନ ଏବଂ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଅଧ୍ୟକ୍ଷ ବିଭୁପ୍ରସାଦ ତରାଇଙ୍କ ନେତୃତ୍ୱରେ ଏକ ଟିମ୍ ଏସ୍‌ପିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଏନ୍‌ଏସି ଅଫିସ ଆଗରେ ଲାଗିଥିବା ସିସିଟିଭିରେ ସେହି ଦିନର ସମସ୍ତ ଘଟଣା କଏଦ ହୋଇଛି। ଏହାକୁ ତଦନ୍ତ ପରିସରଭୁକ୍ତ କରାଯାଉ। ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ଥିବା ଜଣେ ମହିଳା ଏସ୍‌ଆଇ ଓ କନଷ୍ଟେବଳଙ୍କ ବୟାନ ରେକର୍ଡ କରାଯାଉ। ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ବିରୋଧରେ ଜନତାଙ୍କୁ ଆକ୍ରମଣ, ଗାଳିଗୁଲଜ, ଧମକ ଦେବା ପରି ଏକାଧିକ ମାମଲା ରହିଛି। ତେଣୁ ତାଙ୍କୁ ଏନ୍‌ଏସ୍‌ଏରେ ଗିରଫ କରାଯାଉ ବୋଲି ଦାବି କରାଯାଇଛି। ସେପ୍ଟେମ୍ବର ୮ରେ ବାଲୁଗାଁ ଏନଏସି ଅଫିସ୍ ଆଗରେ ବିଧାୟକ ଜଗଦେବ ବାଲୁଗାଁ ଭାଜପା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ଓ ଜାତିଆଣ ଆକ୍ଷେପ କରିଥିଲେ। ୱେବ ମିଡିଆ ପ୍ରତିନିଧି ଦିପ୍ତୀକାନ୍ତ ବେହେରାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ମୋବାଇଲ ଫୋନ୍ ଛଡାଇ ନେଇଥିଲେ। ନିରଞ୍ଜନଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(୧୫୬/୨୧) ରୁଜୁ ହୋଇଛି। ଏହି ଘଟଣାର ୮ଦିନ ପରେ ବି ପୋଲିସ ଚୁପ୍ ବସିଛି। ଅଭିଯୋଗ ନ ଉଠାଇଲେ ଅଥବା ବୁଝାମଣା ନ କଲେ, ଏହାଠାରୁ ଭୟଙ୍କର ଘଟଣା ଘଟିପାରେ ବୋଲି ବିଧାୟକଙ୍କ କେତେଜଣ ସମର୍ଥକ ନିରଞ୍ଜନ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଧମକ ଦେଉଛନ୍ତି। ସେହିପରି ଜଗଦେବଙ୍କ ନାମରେ ବିଭିନ୍ନ ଥାନାରେ ୧୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ମାତ୍ର ପୋଲିସ ତାଙ୍କୁ ଗିରଫ କରିବା ପରିବର୍ତ୍ତେ ଶାସକ ଦଳ ଚାପରେ ସୁରକ୍ଷା ଦେଉଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି। ଜଗଦେବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ କହିଛନ୍ତି। ଅନ୍ୟପକ୍ଷେ ଏସ୍‌ପି ରାଜକିଶୋର ଦୋରା କହିଛନ୍ତି, ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।


ଏସ୍‌ପି ଅଫିସ ଆଗରେ ଭାଜପା ନେତା ଓ କର୍ମୀମାନେ ଧାରଣାରେ ବସିଛନ୍ତି।

### ୬ଦଫା ଦାବିରେ ବ୍ଲକ ଅଫିସ ଆଗରେ ବିକ୍ଷୋଭ

ବ୍ରହ୍ମଗିରି,(ଡି.ଏନ୍.ଏ.): ବ୍ରହ୍ମଗିରି ସିପିଆଇ(ଏମ୍) ପକ୍ଷରୁ ୬ଦଫା ଦାବିରେ ଗୁରୁବାର ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇବା, ବ୍ରହ୍ମଗିରି ବ୍ଲକରେ କୋଠାଘର ଥିବା ବ୍ୟକ୍ତିଙ୍କୁ ଜିଓ ଟ୍ୟାଗରେ ସାମିଲ କରିବା, ପେଟ୍ରୋଲ ଓ ଡିଜେଲ ବୃଦ୍ଧିରେ ରୋକ ଲଗାଇବା ଏବଂ ବିଦ୍ୟାଳୟ ଖୋଲିବା ଆଦି ଦାବି ନେଇ ସିପିଆଇ(ଏମ୍) କର୍ମୀମାନେ କଲେଜ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ଏଥିରେ ଭୀମସେନ ସ୍ୱାଇଁ, ଷ୍ଟାଲିନ ପାଇକରା, ସୁରେନ୍ଦ୍ର ଦଳାଇ, ତପନ ଉପାଧ୍ୟାୟ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ଜ୍ୟୋତିପ୍ରକାଶ ସେଠୀଙ୍କୁ ପ୍ରଦାନ କରାଯାଇଥିଲା।






୧୬।୦୯।୨୦୨୧

| | |
|---|---|
| ୨,୭୭,୧୬୩ ଟଙ୍କା | |
| ସୁନା | ୨.୦୬୦ ଗ୍ରାମ |
| ରୁପା | ୧୩.୬୫୦ ଗ୍ରାମ |

# ଭାର୍ଗବୀ, ଦୟାରେ ବନ୍ୟା, ଲୋକେ ଆତଙ୍କିତ



ଭାର୍ଗବୀ ନଦୀରେ ପ୍ରବାହିତ ହେଉଥିବା ବନ୍ୟା ଜଳ ।

**ବଳଙ୍ଗା/କାକଟପୁର/କଣାସ, ୧୬।୯(ଡି.ଏନ୍.ଏ.):**

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଭାର୍ଗବୀ ନଦୀରେ ଚଳିତ ବର୍ଷର ପ୍ରଥମ ବନ୍ୟା ଆସିଛି। ବଳଙ୍ଗାଠାରେ ବିପଦ ସଙ୍କେତ ୧୦.୪୨ ମିଟର ରହିଥିବା ବେଳେ ଗୁରୁବାର ୧୦.୩୮ ମିଟରରେ ବନ୍ୟା ଜଳ ପ୍ରବାହିତ ହେଉଛି। ତଟବର୍ତ୍ତୀ ଅଞ୍ଚଳ ଜଳମଗ୍ନ ହେବା ସହ ପନିପରିବା ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଅନେକ ସ୍ଥାନରେ ନଦୀ ପଠା ଧସୁଛି। ସମ୍ଭାବ୍ୟ ବନ୍ୟା ଆଶଙ୍କା କରି ତଟବର୍ତ୍ତୀ ବାସିନ୍ଦା ଆତଙ୍କିତ ହୋଇପଡିଛନ୍ତି। ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଅଧୀନ ୨୬କି.ମି. ବ୍ୟାପି ବାମ ପାର୍ଶ୍ୱ ବନ୍ଧ ବିପଦ ନ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ କହିଛନ୍ତି। ସେହିପରି କଣାସଠାରେ ଦୟା ନଦୀର ବିପଦ ସଙ୍କେତ ୩.୯୯ମିଟର ରହିଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳପତନ ୫.୦୯ମିଟରରେ ପହଞ୍ଚିଛି। ବୈଦ୍ୟନାଥପାଟଣା, ବଡାସ, ଦୋକନ୍ଦା ଗ୍ରାମରେ ବନ୍ୟା ଜଳର ସ୍ରୋତ ଚାଲିଛି । ଗୋଳବାଇ ରାସ୍ତାର ଦୋକନ୍ଦା ଓ ବାଲିପାଟଣା ଠାରେ ରାସ୍ତା ବୁଡି ପାଣି ପ୍ରବାହିତ ହେଉଛି। ପାନୀୟଜଳ ସମସ୍ୟା ଦେଖାଦେଇଛି। ମଲାଗୁଣି ନଦୀରୁ ବହାରିଥିବା ଉଇଖିଆନାଳରେ ଘାଇ ହେବା ଯୋଗୁ ମଲାଗୁଣି ଓ ମକରା ନଦୀର ଡାହାଣ ପାର୍ଶ୍ୱ ଦିବ୍ୟସିଂହପୁର, ଦେଇପୁର, ଗଡଖାରଦ, ସାହୁପଡା, ବକୁ, ବାଡଲ, ଦୋଛିଆଁ ପଞ୍ଚାୟତର ଚାଷଜମିରେ ପାଣି ଲହଡି ଭାଙ୍ଗୁଛି। ଅନେକ ଗ୍ରାମ୍ୟରାସ୍ତା ବୁଡିଯାଇଛି। କାକଟପୁର ବ୍ଲକର ତଳିଆ ଅଞ୍ଚଳର ଅନେକ ପରିବାର ଏବେ ବି ପାଣି ଘେରରେ ରହିଛନ୍ତି। ଅସ୍ତରଙ୍ଗ–ନିମାପଡା ମୁଖ୍ୟ ରାସ୍ତାର ଜଗନ୍ନାଥପୁର ଛକରେ ପାଣି ଲହଡି ମାରୁଛି। ଫଳରେ ଲୋକେ ଯାତାୟାତରେ ହଇରାଣ ହେଉଛନ୍ତି। କାକଟପୁର ପ୍ରାଚୀବିହାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡିଛି। ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ପାଚେରି ଭୁଶୁଡି ପଡିଛି। ଏହି ବ୍ଲକର ୧୬ଟି ପଞ୍ଚାୟତର ହଜାର ହଜାର ହେକ୍ଟର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଗୁରୁବାର ବିଡିଓ ତୁଷାର ଜ୍ୟୋତିରଞ୍ଜନ ଜଳମଗ୍ନ ଅଞ୍ଚଳ ବୁଲିବା ସହ ଲୋକଙ୍କୁ ଭୟଭୀତ ନ ହେବା ପାଇଁ କହିଛନ୍ତି। କଣ୍ଟାପଡା ପଞ୍ଚାୟତର ତୁଳାମାଳ, ଗମ୍ଭାରିପଦା, ପତିସାହି, ଫକୀରସାହି, ନୀଳକଣ୍ଠପୁର ଅଞ୍ଚଳରେ ପାଣି ଜମି ରହିଛି। ତଳିଆ ଅଞ୍ଚଳ ସମିଆ, ରସୁଲପୁର, ଲତାହରଣ, କଟକଣା ଆଦି ଗ୍ରାମର ଅନେଙ୍କ ଚାଳଘର ଭୁଶୁଡି ପଡିଛି। ସମିଆ ଗ୍ରାମର ଶେଖ ଦିଲସାଦଙ୍କ ୩ ବଖରା ଭୁଶୁଡି ପଡିବାରୁ ରହିବା ପାଇଁ ହଇରାଣ ହେଉଛନ୍ତି। ଶ୍ରୀରାମପୁର, ମୂଳାଗଡ଼, ମଙ୍ଗଳପୁର, ବେଲବାରି ଆଦି ଅଞ୍ଚଳରେ ପନିପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ଓ ରିଲିଫ ସାମଗ୍ରୀ ଯୋଗାଇ ଦେବାକୁ ଦାବି ହେଉଛି।

## ଭୁଶୁଡିଲା ପୋଲ, ରାସ୍ତାରେ ବାଡ଼

**ଗୋପ,୧୬।୯(ଡି.ଏନ୍.ଏ.):**

ଗୋପ ବ୍ଲକ ଅଧୀନ ବଡ଼ଗାଁ ନିକଟରେ ଥିବା କଉଡିଆ ନାଳ ପୋଲ ଭୁଶୁଡିବା ଫଳରେ ୩ଟି ପଞ୍ଚାୟତ ମଧ୍ୟରେ ରହିଥିବା ସଂଯୋଗ ରାସ୍ତାରେ ବାଡ଼ ଦିଆଯାଇଛି। ଫଳରେ ଲୋକମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ପ୍ରକାଶ ଯେ, ବଡ଼ଗାଁ ନିକଟରେ ଯାଇଥିବା କଉଡିଆ ନାଳ ଉପରେ ଏକ ପୋଲ ନିର୍ମାଣ କରାଯାଇଥିଲା। ବଣିଆସାହି, ବଡ଼ଗାଁ, କୁଆଁପଡା ପଞ୍ଚାୟତର ୧୮ଗ୍ରାମବାସୀ ଏହି ପୋଲ ଉପରେ ଯାତାୟାତ କରିଥାନ୍ତି। ବର୍ଷା ପାଣି ଏହି ନାଳ ଦେଇ କୁଶଭଦ୍ରା ନଦୀକୁ ଯାଇଥାଏ। କିଛିଦିନ ହେବ କଉଡିଆ ନାଳ ଚତୁଃପାର୍ଶ୍ୱରେ ବେଆଇନ ଭାବେ କେତେକ ବ୍ୟକ୍ତି ଚିଙ୍ଗୁଡି ଘେରି କରିବା ଫଳରେ ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ତେବେ ପୋଲ ଭୁଶୁଡିବା ପରେ ବଡ଼ଗାଁ ଅଞ୍ଚଳର ଯୁବକମାନେ ଅଘଟଣ ଆଶଙ୍କାରେ ବାଡ଼ ଦେଇଛନ୍ତି ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଛି ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠଯନ୍ତ୍ରୀ ସୁବୋଧ ଖଟୋଇ କହିଛନ୍ତି।

## କଂସବଧ ନୀତି ସମ୍ପନ୍ନ



**ପୁରୀ ଅଫିସ, ୧୬।୯:**

ଜନ୍ମାଷ୍ଟମୀଠାରୁ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ଚାଲିଥିବା ଶ୍ରୀକୃଷ୍ଣ ଲୀଳା କ୍ରମରେ ଗୁରୁବାର ଶୁକ୍ଳ ଦଶମୀ ତିଥିରେ କଂସ ବଧ ନୀତି ସମ୍ପନ୍ନ ହୋଇଛି। ଏଥିସହ କୃଷ୍ଣଲୀଳାର ସମାପ୍ତି ଘଟିଛି। ମଧ୍ୟାହ୍ନ ଧୂପ ବଢିବା ପରେ ମହାଜନ ସେବକ ରାମ, କୃଷ୍ଣଙ୍କୁ ରତ୍ନ ସିଂହାସନରେ ବିଜେ କରାଇଥିଲେ। ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ପରେ ଦୁଇଠାକୁରଙ୍କୁ ବଟବୃକ୍ଷ ନିକଟ ପାଲିଙ୍କିକୁ ବିଜେ କରାଯାଇଥିଲା। ବିମାନବଡୁ ସେବକମାନେ ପାଲିଙ୍କିକୁ କୁଣ୍ଢେଇବେଣ୍ଟ ସାହି ଲବଣିଖିଆ ଛକ ପନ୍ତିଘରକୁ ନେଇଥିଲେ। ସେଠାରେ ଲବଣିଖିଆ ନୀତି ହୋଇଥିଲା। ଠାକୁରଙ୍କୁ ପନ୍ତିଘର ଖଟଶେଯକୁ ବିଜେ କରାଯାଇ ଭୋଗ ଲାଗି ହୋଇଥିଲା। ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ବନ୍ଦାପନା କରି କ୍ଷୀର, ସର, ଲବଣି ଖୁଆଇଥିଲେ। ସମସ୍ତ ନୀତି ସମ୍ପନ୍ନ ପରେ ମରିଚି ଠାକୁରାଣୀଙ୍କ ମନ୍ଦିର ନିକଟକୁ ଠାକୁର ବିଜେ କରିଥିଲେ। ସେଠାରେ ମଲ୍ଲ ଯୁଦ୍ଧ ନୀତି ପରେ ଠାକୁରମାନଙ୍କୁ ରାଜନଅର ସମ୍ମୁଖକୁ ନିଆଯାଇ କୁବୁଜା ଉଦ୍ଧାରଣ ନୀତି ହୋଇଥିଲା। ପରେ ସିଂହଦ୍ୱାର ସମ୍ମୁଖ ବଡ଼ଛତା ମଠ ଆଗରେ କଂସବଧ ନୀତି ସମ୍ପନ୍ନ କରାଯାଇଥିଲା। ବାଲିସାହି ଆଖଡ଼ା ପକ୍ଷରୁ କଂସ ବଧ ପ୍ରସ୍ତାବ ଆଗତ କରାଯାଏ। ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି କଂସ ଭୟଭୀତ ହୋଇ ମଞ୍ଚରୁ ପଡ଼ି ପ୍ରାଣ ହରାଇଥିଲେ।

## ସଂକ୍ଷେପରେ

### ମୋଟର ଚାଳକ ସଂଘର ବୈଠକ

ଡେଲାଙ୍ଗ,୧୬।୯(ଡି.ଏନ୍.ଏ.): ଓଡ଼ିଶା ମୋଟର ଚାଳକ ସଂଘ, ଡେଲାଙ୍ଗ ଶାଖା ପକ୍ଷରୁ ବଣିବକ୍ରେଶ୍ୱର ମନ୍ଦିର ପରିସରରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ମୋଟର ଚାଳକ ସଂଘ ସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଶଶୀଶେଖର ରାୟ , ଓଡ଼ିଶା ମୋଟର ଚାଳକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ସଙ୍ଗଠନ ସମ୍ପାଦକ ସନ୍ତୋଷ ମଙ୍ଗରାଜ, ଅମରଜିତ ସେନାପତି, ସୌମ୍ୟରଞ୍ଜନ ମିଶ୍ର, ରାମଚନ୍ଦ୍ର ସାହୁ, ପରିକ୍ଷିତ ମହାରଣା, ବ୍ରଜକିଶୋର ସାହୁ ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ମୋଟର ଚାଳକମାନେ ଯୋଗଦେଇଥିଲେ। ସାମାଜିକ ସୁରକ୍ଷା, ଚାଳକଙ୍କ ନିମନ୍ତେ କଲ୍ୟାଣ ପାଣ୍ଠି ଗଠନ, ଚାଳକ ଦିବସ ପାଳନ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ କୋରୋନା ସମୟରେ ଆମ୍ବୁଲାନ୍ସ ଚାଳକଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରିବା ପାଇଁ ମତପ୍ରକାଶ ପାଇଥିଲା। ଭାସ୍କର ବଳିୟାରସିଂ, ଦୈତାରୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଚେତନତା ବାର୍ତ୍ତା ବାଣ୍ଟି ଫେରିଲେ ଅଭିଯାତ୍ରୀ

ପୁରୀ ଅଫିସ,୧୬।୯: ବର୍ଜ୍ୟବସ୍ତୁ ସୁପରିଚାଳନା ସଚେତନତା ବାର୍ତ୍ତା ନେଇ ପୁରୀରୁ ବାଇକ୍ ଯାତ୍ରାରେ ଲେହ -ଲଦାଖ ଯାଇଥିବା ପର୍ବତାରୋହୀ ମିତ୍ରଭାନୁ ନାୟକ ଓ ଦୁଃସାହସିକ ମିଶନ ଓଡ଼ିଶାର ସମ୍ପାଦକ ମଧୁସୂଦନ ମିଶ୍ର ଗୁରୁବାର ପୁରୀ ଫେରିଛନ୍ତି। ଗତ ଅଗଷ୍ଟ ୨୫ରେ ସେମାନେ ଏହି ଯାତ୍ରା ଆରମ୍ଭ କରିଥିଲେ। ୨୩ ଦିନିଆ ଯାତ୍ରାରେ ସେମାନେ ଓଡ଼ିଶା, ବିହାର, ଉତ୍ତରପ୍ରଦେଶ, ନୂଆଦିଲ୍ଲୀ, ପଞ୍ଜାବ, ଝାଡ଼ଖଣ୍ଡ, ଛତିଶଗଡ଼, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ହରିୟାଣା, ଜମ୍ମୁ ଓ କଶ୍ମୀର ପ୍ରଭୃତି ସ୍ଥାନ ବୁଲି ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଲେହ, ଲଦାଖ, କାର୍ଗିଲ, ଡ୍ରାସ୍ ସେକ୍ଟର ସମେତ ହଜାରିବାଗ୍, ବାରଣାସୀ, ମଥୁରା, ହରିଦ୍ୱାର, ଝାନ୍ସୀ ଓ ଅଯୋଧ୍ୟାରେ ସଚେତନତା ବାର୍ତ୍ତା ପହଞ୍ଚାଇଛନ୍ତି। ପୂର୍ବରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ, ୱାଲର୍ଡ ରେକର୍ଡ ଇଣ୍ଡିଆ ଓ ମିରାକିଲ ୱାର୍ଲଡ ରେକର୍ଡ ହାସଲ କରିଥିବା ମିଶ୍ର ଏହି ଯାତ୍ରାକୁ ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ ବୋଲି କହିଛନ୍ତି।



ପୁରୀ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସଂସ୍କୃତି ଭବନରେ ନୂଆଁଖାଇ ଉତ୍ସବ ପାଳନ ଅବସରରେ କଳାକାରଙ୍କ ନୃତ୍ୟ ପରିବେଷଣ ।

## 'ସାଂସ୍କୃତିକ ସମନ୍ୱୟ ଆମ ରାଜ୍ୟର ସ୍ୱତନ୍ତ୍ରତା'

**ପୁରୀ ଅଫିସ,୧୬।୯:**

**ପଶ୍ଚିମ ଓଡ଼ିଶା ନୃତ୍ୟ ଓ ପର୍ବର ଅଧିକ ପ୍ରଚାର ପ୍ରସାର ହେବା ଆବଶ୍ୟକ**

ପୁରୀ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଗୁରୁବାର ସ୍ଥାନୀୟ ସଂସ୍କୃତି ଭବନରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳିତ ହୋଇଛି। ଡେଲାଙ୍ଗର ପଲ୍ଲବୀ ଅନୁଷ୍ଠାନ ପକ୍ଷରୁ ଗୁରୁ ପବିତ୍ର ପରିଡ଼ାଙ୍କ ସଂଯୋଜନାରେ ନୃତ୍ୟ ପରିବେଷଣ କରାଯାଇଛି। ଏଥିସହ ଗୁରୁ ଜଗନ୍ନାଥ ମିଶ୍ରଙ୍କ ସଂଯୋଜନାରେ ଲଙ୍ଗରାଜ କଳା ନିକେତନ ପକ୍ଷରୁ ସମ୍ବଲପୁରୀ ଓ ଡାଲଖାଇ ନୃତ୍ୟ ପରିବେଷଣ ହୋଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ଓ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ପଶ୍ଚିମ ଓଡ଼ିଶାର ଗଣପର୍ବ ଶ୍ରୀକ୍ଷେତ୍ରରେ ପାଳନ ହେବା ପ୍ରମାଣ କରୁଛି ଯେ ସାଂସ୍କୃତିକ ସମନ୍ୱୟ ଆମ ରାଜ୍ୟର ସ୍ୱତନ୍ତ୍ରତା। ପର୍ବ ପାଳିବାର ମାଧ୍ୟମ ଭିନ୍ନ ଭିନ୍ନ ହେଲେ ମଧ୍ୟ ଆମେ ସମସ୍ତେ ଏକକ କାରଣରେ ଉତ୍ସବ ପାଳନ କରିଥାଉ। ପଶ୍ଚିମ ଓଡ଼ିଶାର ନୃତ୍ୟ ଓ ପର୍ବକୁ ସ୍ୱତନ୍ତ୍ର ଏବଂ ଏହାର ଅଧିକ ପ୍ରଚାର ପ୍ରସାର ହେବା ଉଚିତ୍ ବୋଲି ସେ ମତ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ସହରର ଅନେକ ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ଉପସ୍ଥିତ ଥିଲେ।

### ବିଜେଡି ଜୋନ୍‌ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ପିପିଲି, ୧୬।୯(ଡି.ଏନ୍.ଏ./ସ୍ୱ.ପ୍ର.):**

ପିପିଲିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳ ପକ୍ଷରୁ ୨୩ ଓ ୨୪ ନମ୍ବର ଜିଲାପରିଷଦ ଜୋନସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇଥିଲେ। ଅତିଥି ଭାବେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବାଲିକୁଦା–ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ପିପିଲି–ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥି ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ବିକାଶ ମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇ ଭୋଟ ଭିକ୍ଷା କରାଯିବ ବୋଲି ସ୍ଥିର ହୋଇଛି। ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଧରଣୀଧର ସାହୁ, ପିପିଲି ବିଜେଡି ସମ୍ପାଦକ ଈଶ୍ୱର ପ୍ରସାଦ ଦାଶ(ମହତାବ) ପ୍ରମୁଖ ଯୋଗଦେଇ ସାଙ୍ଗଠାନିକ କାର୍ଯ୍ୟକ୍ରମ ସମ୍ପର୍କରେ ନିଜର ମତ ରଖିଥିଲେ। ଆଗାମୀ ଉପନିର୍ବାଚନକୁ ଦଳ ପକ୍ଷରୁ ସଫଳ ପରିଚାଳନା ନେଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା।

## ସୁନିଆ ତାରିଖକୁ ନେଇ ଦ୍ୱନ୍ଦ୍ୱ

**ପୁରୀ ଅଫିସ,୧୬।୯:**

**୨ ପଞ୍ଜିକାରେ ରହିଛି ଭିନ୍ନ ତଥ୍ୟ**

ଦୁଇଟି ପଞ୍ଜିକାରେ ଉଲ୍ଲିଖିତ ସୁନିଆ ତାରିଖ ତାଳମେଳ ଖାଉ ନ ଥିବା ଅଭିଯୋଗ ସାମ୍ନାକୁ ଆସିଛି। କୋହିନୁର ପ୍ରେସ୍ ପଞ୍ଜିକାରେ ଚଳିତବର୍ଷ ସୁନିଆଁ ସେପ୍ଟେମ୍ବର ୧୭ରେ ବୋଲି ଲେଖାଥିବା ବେଳେ ରାଧାରମଣ ପ୍ରେସ୍ ପଞ୍ଜିକାରେ ସେପ୍ଟେମ୍ବର ୧୮ ବୋଲି ଉଲ୍ଲେଖ ରହିଛି। ଉଭୟ କୋହିନୁର ଓ ରାଧାରମଣ ପାଞ୍ଜି ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସ୍ୱୀକୃତିପ୍ରାପ୍ତ। ମୁକ୍ତିମଣ୍ଡପ ପଣ୍ଡିତସଭା ସ୍ୱୀକୃତିପ୍ରାପ୍ତ ପଞ୍ଜିକାକୁ ସାଧାରଣତଃ ନିର୍ଭୁଲ୍ ବିବେଚନା କରାଯାଉଥିବାବେଳେ ଏବେ ଏଥିରେ ଏଭଳି ଭିନ୍ନ ଭିନ୍ନ ତାରିଖକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। କେଉଁ ପଞ୍ଜିକାର ତଥ୍ୟ ଠିକ୍ ତାହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ସେହିଭଳି ବୈଶାଖ ଓ ଶ୍ରାବଣ ପୂର୍ଣ୍ଣିମାରେ ଚନ୍ଦ୍ରପୂଜା ସହ ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ଉପବାସ ପଞ୍ଜିକା ଦ୍ୱୟରେ ଭିନ୍ନ ଭିନ୍ନ ଦିନ ରହିଥିବା ବେଳେ ବର୍ଷସାରା ତିଥି, ରାଶି, ନକ୍ଷତ୍ର, ଯୋଗ, କରଣ, ବ୍ୟାପ୍ତ ସହ ସମସ୍ତ ଗ୍ରହଚଳନ ସମୟର ପାରସ୍ପରିକ ଅମେଳ ରହିଛି ବୋଲି ଜ୍ୟୋତିର୍ବିତ୍ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର କହିଛନ୍ତି। ସୁନିଆଠାରୁ ପୁରୀ ଗଜପତିଙ୍କର ନୂତନ ଅଙ୍କ ଓ ଉତ୍କଳୀୟ ନବବର୍ଷ ଆରମ୍ଭ ହୋଇଥାଏ। ଏଣୁ ଏଭଳି ତିଥି ନକ୍ଷତ୍ର ମେଳ ନ ଖାଇବା ସମ୍ବେଦନଶୀଳ ଘଟଣା। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପଞ୍ଜିକାକାରମାନଙ୍କ ସମନ୍ୱୟ ବୈଠକ ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଉଥିବା ସତ୍ତ୍ୱେ କିଭଳି ଦୁଇ ପଞ୍ଜିକା ମଧ୍ୟରେ ତ୍ରୁଟି ରହିଲା ତାହାକୁ ନେଇ ମିଶ୍ର ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ସଭାପତି ଆଦିତ୍ୟ ହୃଦୟ ମିଶ୍ର କହିଛନ୍ତି, ମୁଦ୍ରଣଜନିତ ତ୍ରୁଟି କାରଣରୁ ଏଭଳି ହୋଇଥାଇପାରେ। ଦୁଇ ପଞ୍ଜିକାରେ ତାରିଖ ମେଳ ଖାଉ ନ ଥିବା ଅଭିଯୋଗ ପଣ୍ଡିତ ସଭାର ହସ୍ତଗତ ହୋଇନାହିଁ। ଅଭିଯୋଗ ଆସିଲେ କାହାର ତ୍ରୁଟି ରହିଛି ସେନେଇ ଆଲୋଚନା ହେବ। ତ୍ରୁଟି ଥିଲେ ନିଶ୍ଚିତ ତାହାକୁ ସଂଶୋଧନ କରାଯିବ।



୧୬ ଦଫା ଦାବି ନେଇ ସିପିଆଇ(ଏମ୍) ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ।

# ଭବାନୀ ପଟ୍ଟନାୟକ ମେମୋରିଆଲ ସଂଗ୍ରାମୀ ଭବନ ନିର୍ମାଣ ହେବ

**ନିମାପଡ଼ା,୧୬।୯(ଡି.ଏନ୍.ଏ.):**

- ନିମାପଡ଼ାରେ ଶହୀଦ ଦିବସ ପାଳିତ
- ଶହୀଦ ସଂଗ୍ରାମୀଙ୍କୁ ଗାର୍ଡ ଅଫ ଅନର

ନିମାପଡ଼ା ଏନ୍ଏସି ଓ ଶହୀଦ ସ୍ମୃତି ସଂସଦ ପକ୍ଷରୁ ଶହୀଦ ସଂଗ୍ରାମୀ ଉଚ୍ଛବ ମଲ୍ଲିକଙ୍କ ସ୍ମୃତି ସ୍ତମ୍ଭ ନିକଟରେ ଶହୀଦ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସମାରୋହରେ ଶହୀଦ ସ୍ମୃତି ସଂସଦର ସମ୍ପାଦକ ବେଣୁଧର ସେନାପତି ଅଧ୍ୟକ୍ଷତା କରି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଖୁବ୍‌ଶୀଘ୍ର ସଂଗ୍ରାମୀଙ୍କ ସାଧନା ପୀଠ ଠାରେ ପଦ୍ମଶ୍ରୀ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକ ମେମୋରିଆଲ ସଂଗ୍ରାମୀ ଭବନ ନିର୍ମିତ ହେବ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ୧୫ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ଦାଶ କହିଛନ୍ତି। ଅତିଥିଭାବେ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଏମ୍.ଶ୍ରୀନିବାସ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଜୀବନାନନ୍ଦ ମହାପାତ୍ର, ଅଶୋକ ସାହୁ, ଦୟାନିଧି ସାହୁ, ରାମଚନ୍ଦ୍ର ସାହୁ, ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ଶହୀଦ ଦିବସ ତାତ୍ପର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ହଂସପଡ଼ା କେଉଟତୋଟା ଗ୍ରାମରୁ ଏକ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଶହୀଦ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭ ନିକଟରେ ଜିଲା ପୋଲିସ ପକ୍ଷରୁ ଶହୀଦ ସଂଗ୍ରାମୀଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଏଥିସହ ସ୍ୱର୍ଗତ ମହାତ୍ମା ଗାନ୍ଧୀ, ବିଜୁ ପଟ୍ଟନାୟକ, ଉତ୍କଳମଣି ଗୋପବନ୍ଧୁ ଦାସ, ମୋହନ ଦାସ, ସ୍ୱାମୀ ବିବେକାନନ୍ଦ, ଭବାନୀ ଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ସମାରୋହରେ ନିମାପଡ଼ା କଲେଜ, ମହିଳା କଲେଜର ଏନ୍‌ସିସି କ୍ୟାଡେଟଙ୍କ ସହ ବହୁ ଶିକ୍ଷାବିତ୍ , ବୁଦ୍ଧିଜୀବୀ ଶହୀଦ ମଲ୍ଲିକଙ୍କ ସ୍ମୃତିସ୍ତମ୍ଭ ନିକଟରେ ମାଲ୍ୟାର୍ପଣ କରିଥିଲେ। ସେପ୍ଟେମ୍ବର ୧୬ରେ ନିମାପଡ଼ାରେ ଶହୀଦ ଦିବସ ପାଳିତ ହୋଇଆସୁଅଛି।



ପ୍ରଶାସନ ପକ୍ଷରୁ ଶହୀଦ ସଂଗ୍ରାମୀ ଉଚ୍ଛବ ମଲ୍ଲିକଙ୍କ ସ୍ମୃତି ସ୍ତମ୍ଭ ନିକଟରେ ଶହୀଦ ସଂଗ୍ରାମୀମାନଙ୍କ ଉଦ୍ଦେଶ୍ୟରେ ଗାର୍ଡ ଅଫ ଅନର ଦିଆଯାଉଛି।

# ପୁରୀବାସୀଙ୍କୁ ଚାରିଦ୍ୱାରରେ ଦର୍ଶନ ଅନୁମତି ମିଳୁ



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଧାରଣା ଦିଆଯାଇଛି ।

**ପୁରୀ ଅଫିସ,୧୬।୯:**

**ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ଓ ମହାପ୍ରସାଦ ସେବନ ସ୍ୱାଭାବିକ ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ନେଇ ବିବାଦ ଦେଖାଦେଇଛି। ପୁରୀ ସହରବାସୀଙ୍କୁ ଚାରିଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନ ଅନୁମତି ଦେବା ପାଇଁ ସହରବାସୀ ଏକସ୍ୱରରେ ଦାବି କରିଛନ୍ତି। ଏହି ଦାବି ନେଇ ଶ୍ରୀଜଗନ୍ନାଥ ସେନା, ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଏବଂ ଜିଲା ଚୁଇଟର ସଙ୍ଗଠନ ଗୁରୁବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୃଥକ ପୃଥକ ଭାବେ ଆନ୍ଦୋଳନ କରିଛନ୍ତି। ଏହି ସଙ୍ଗଠନଗୁଡ଼ିକର କର୍ମକର୍ତ୍ତାମାନେ ଯୁକ୍ତି ବାଢିଛନ୍ତି ଯେ, ଶ୍ରୀକ୍ଷେତ୍ରବାସୀଙ୍କର ଦିନତମାମ୍ ଶ୍ରୀମନ୍ଦିରରେ ବିଭିନ୍ନ କାର୍ଯ୍ୟ ରହିଥାଏ। କିଏ ମହାପ୍ରସାଦ ପାଇଁ ତ ଆଉ କେହି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତୁଳସୀ ଓ ଫୁଲ ଅର୍ପଣ ପାଇଁ ଶ୍ରୀମନ୍ଦିରକୁ ଯାଇଥାନ୍ତି। ସବୁଦିନିଆ ଦର୍ଶନାର୍ଥୀମାନେ ଆଳତି, ବଡ଼ସିଂହାର ବେଶ ପ୍ରଭୃତି ଦର୍ଶନ କରିଥାନ୍ତି। ପୁରୀର ବରିଷ୍ଠ ନାଗରିକମାନେ ପ୍ରତ୍ୟହ ବଡ଼ଦେଉଳ ଦର୍ଶନ ପାଇଁ ଇଚ୍ଛୁକ ଥିଲେ ମଧ୍ୟ ପ୍ରଶାସନର କଟକଣା ଏଥିରେ ବାଧକ ସାଜିଛି।**

### ପୁରୀବାସୀଙ୍କ ଭାବାବେଗକୁ ସମ୍ମାନ ଦିଆଯାଉ



କଟକଣା ଯୋଗୁ ପୁରୀବାସିନ୍ଦା ଦୈନନ୍ଦିନ ମହାପ୍ରଭୁଙ୍କୁ ଦର୍ଶନ କରିପାରୁନାହାନ୍ତି। ଆର୍‌ଟି–ପିସିଆର୍ ଓ କେବଳ ସିଂହଦ୍ୱାରରେ ପ୍ରବେଶ କଟକଣା ପୁରୀସାହି ବାସିନ୍ଦାଙ୍କ ପାଇଁ ସମସ୍ୟା ବଢ଼ାଇଛି। ଚାରିଦ୍ୱାର ଦର୍ଶନ ବ୍ୟବସ୍ଥା ପୁଣି ଥରେ ଲାଗୁ କରି ପୁରୀ ସହରବାସୀଙ୍କ ଭାବାବେଗକୁ ସମ୍ମାନ ଦିଆଯାଉ।

–ଜଗନ୍ନାଥ ଦେଓ, ସାଧାରଣ ସମ୍ପାଦକ, ପୁରୀ ଜିଲା ସିପିଏମ୍।

### ମହାପ୍ରଭୁଙ୍କ ନିତିଦିନ ଦର୍ଶନ ଆମର ହକ୍



ଶ୍ରୀମନ୍ଦିର ନୀତିକାନ୍ତିକୁ ପୁରୀ ସହରବାସୀ ଅଧିକ ନିକଟରୁ ବୁଝିଛନ୍ତି। ସାହିର ଅର୍ଦ୍ଧେକ ଲୋକେ ପ୍ରତ୍ୟହ ଶ୍ରୀମନ୍ଦିର ଯାଇଥାନ୍ତି। ବୃଦ୍ଧାବୃଦ୍ଧମାନେ ଦିନର ଅଧିକାଂଶ ସମୟ ଶ୍ରୀମନ୍ଦିରରେ ଅତିବାହିତ କରିଥାଆନ୍ତି। ଏଭଳି ସ୍ଥଳେ ଚାରିଦ୍ୱାର ଦେଇ ଲମ୍ବା ଲାଇନ୍‌ରେ ପ୍ରବେଶ କରିବା କିମ୍ବା ପ୍ରସ୍ଥାନ କରିବା କଷ୍ଟକର। ପ୍ରଶାସନ ରଖିଥିବା ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍ କଟକଣାକୁ ବିରୋଧ କରୁନାହୁଁ। ମାତ୍ର ପୁରୀ ସାହି ବାସିନ୍ଦା ଭାବେ ମହାପ୍ରଭୁଙ୍କ ଦୈନନ୍ଦିନ ଦର୍ଶନ ଆମର ହକ୍ । ଆମର ଏହି ହକ୍‌କୁ ପ୍ରଶାସନ ଫେରାଇଦେଉ।

–ବିପିନ ଦଳେଇ, ପୁରୀ ସହର।

### ଲମ୍ବା ଧାଡ଼ିରେ ଠିଆ ହେବାକୁ ବଳ ନାହିଁ



ଜୀବନରେ ମହାପ୍ରଭୁ ଅନେକ କିଛି ଦେଇଛନ୍ତି। ତାଙ୍କ ଶରଣରେ ରହି ବଡ଼ଦେଉଳରେ ବସି ମୋତେ ଶାନ୍ତି ମିଳେ। ପରିଣତ ବୟସରେ ଏହା ହିଁ ମୋକ୍ଷ ଓ ଶାନ୍ତିର ଏକମାତ୍ର ରାସ୍ତା। ତେବେ ଲମ୍ବା ଲାଇନ୍‌ରେ ଠିଆ ହୋଇ ମହାପ୍ରଭୁଙ୍କୁ ଦର୍ଶନ କରିବା ବଳ ମୋ ପାଖରେ ରହୁନି। ଯେବେ ପାରୁଛି ଶ୍ରୀମନ୍ଦିର ଯାଉଛି ନଚେତ୍ ସିଂହଦ୍ୱାର ଆଗରୁ ପତିତପାବନ ଦର୍ଶନ କରି ଫେରୁଛି। ପ୍ରଶାସନ ଆମକୁ ଦୈନିକ ଦର୍ଶନ ସୁବିଧା ଦେଉ।

–ସୀତାମଣି ଦାଶ, ଚୁଡ଼ଙ୍ଗସାହି, ପୁରୀ

### ମହାପ୍ରଭୁ ଆମ ସାମାଜିକ ଜୀବନଶୈଳୀର ଅଂଶ



ପୁରୀବାସୀ ଉତ୍ସର୍ଗୀକୃତ ମନୋଭାବ ରଖି ମହାପ୍ରଭୁଙ୍କ ପାଇଁ ତ୍ୟାଗ କରିଛନ୍ତି। ମହାପ୍ରଭୁ ଆମ ଚିରଦିନର ଆସ୍ଥା। ବିବାହଠାରୁ ଆରମ୍ଭ କରି ସବୁ ଶୁଭକାର୍ଯ୍ୟରେ ଶ୍ରୀମନ୍ଦିରରୁ ଲଡୁ ମହାପାତ୍ର ଆଣିଥାଉ। ସେହିଭଳି ମହାପ୍ରଭୁ ହେଉଛନ୍ତି ଆମ ଶୁଭକାର୍ଯ୍ୟର ଆଦ୍ୟ ନିମନ୍ତ୍ରିତ ଅତିଥି। ପ୍ରଶାସନର କଟକଣା ଯୋଗୁ ନିମନ୍ତ୍ରଣଦେବା ପାଇଁ ମଧ୍ୟ ଯାଇହେଉନାହିଁ। ପୁରୀ ସହରର ସାମାଜିକ ଜୀବନ ଶୈଳୀ ସହ ମହାପ୍ରଭୁ କିଭଳି ଓତପ୍ରୋତ ଭାବେ ଜଡ଼ିତ ତାହା ଆମେ ଅନୁଭବ କରିଛୁ। ଏଣୁ ପ୍ରଶାସନ ବିନା ଆର୍‌ଟି–ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା ଡବଲ୍ ଡୋଜ୍‌ରେ ଚାରିଦ୍ୱାରରେ ପ୍ରବେଶ ଓ ପ୍ରସ୍ଥାନର ଅନୁମତି ଦେଉ।

–ସ୍ୱାଧୀନ ପଣ୍ଡା, ସାମାଜିକ କର୍ମୀ

## ସଂକ୍ଷେପରେ

### ୬ ଶିଶୁଶ୍ରମିକ ଉଦ୍ଧାର

ଟାଙ୍ଗୀ(କଟକ),୧୬।୯(ଡି.ଏନ୍.ଏ.): ଟାଙ୍ଗୀ ଥାନା ଅନ୍ତର୍ଗତ ମଙ୍ଗୁଳି ଛକ ଅଞ୍ଚଳରେ ଥିବା ଗ୍ୟାରେଜ, ସର୍ଭିସିଂ ସେଣ୍ଟର, ଜଳଖିଆ ଦୋକାନ ଓ ହୋଟେଲରେ ଚଢ଼ାଉ କରାଯାଇ ୬ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ପରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କ କୋଭିଡ୍ କରାଯାଇ ଚାଇଲ୍ଡ ଲାଇନ୍‌କୁ ହସ୍ତାନ୍ତର କରାଯାଇଛି। ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କ ନିର୍ଦ୍ଦେଶରେ ଏସ୍ଆଇ ବାନାମ୍ବର ମଲ୍ଲିକ, ନନ୍ଦିନୀ ନାୟକ, ଯଦୁମଣି ପୂଜାରୀ, ଜୀବନଜ୍ୟୋତି ପ୍ରଧାନ ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଟାସ୍କ ଫୋର୍ସ କମିଟି ସଦସ୍ୟ ନରୋତ୍ତମ ଦାସ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

### ନଦୀରୁ ଅଚିହ୍ନା ମୃତଦେହ ଜବତ

କଟକ ସଦର,୧୬।୯(ଡି.ଏନ.ଏ.)- ୪୨ ମୌଜା ଫାଣ୍ଡି ଅଧୀନ କାଠଯୋଡି ନଦୀର ଝିଙ୍କିରିଆ ପୋଲ ନିକଟରୁ ଗୁରୁବାର ସକାଳେ ପୋଲିସ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ମୃତକଙ୍କ ବୟସ ୩୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ କଳାରଙ୍ଗର ପ୍ୟାଣ୍ଟ ଓ ନାଲିଗଞ୍ଜି ପିନ୍ଧିଥିବା ଦେଖିବାକୁ ମିଳିଛି। ଏ ନେଇ କଟକ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୧) ରୁଜୁ ହୋଇଛି। କଟକ ସଦର ପୋଲିସ ପକ୍ଷରୁ ଏ ସମ୍ପର୍କରେ ନଦୀପାର୍ଶ୍ୱରେ ଥିବା ଥାନାଗୁଡିକୁ ସୂଚନା ଦିଆଯାଇଥିବା ଫାଣ୍ଡି ଅଧିକାରୀ ଜୟକୃଷ୍ଣ ବେହେରା କହିଛନ୍ତି।

### ୧୫ ଦୃଷ୍ଟିହୀନ ବିଦ୍ୟାର୍ଥୀଙ୍କୁ ସ୍ମାର୍ଟଫୋନ ବଣ୍ଟନ

କଟକ ଅଫିସ,୧୬।୯ - କଟକ ଜିଲାରେ ସ୍ନାତକ ଡିଗ୍ରୀ କରୁଥିବା ଦୃଷ୍ଟିହୀନ ବିଦ୍ୟାର୍ଥୀଙ୍କୁ ଗୁରୁବାର ଜିଲା ପ୍ରଶାସନ ପକ୍ଷରୁ ସ୍ମାର୍ଟଫୋନ ପ୍ରଦାନ କରାଯାଇଛି। ଜିଲାପାଳ ଭବାନୀ ଶଙ୍କର ଚୟନୀ ତାଙ୍କ କାର୍ଯ୍ୟାଳୟରେ ୧୫ ଜଣ ଦୃଷ୍ଟିହୀନ ବିଦ୍ୟାର୍ଥୀଙ୍କୁ ସ୍ମାର୍ଟଫୋନ ପ୍ରଦାନ କରିଥିଲେ । ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ୧୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ ଅଫିସ,୧୬।୯ - ସିଭିଲ କୋର୍ଟ ଓ ଜିଲାର ତାଲୁକସ୍ତରରେ ଥିବା ସମସ୍ତ କୋର୍ଟରେ ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ଏଥିରେ ଦେୱାନୀ, ଫୌଜଦାରୀ, ବ୍ୟାଙ୍କଋଣ, ମୋଟରଯାନ ଦୁର୍ଘଟଣା ଓ ପାରିବାରିକ ବିବାଦ ମାମଲାର ତ୍ୱରିତ ବିଚାର କରାଯାଇ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ। ପ୍ରକାଶଥାଉ କି, ବିଭିନ୍ନ ଅଦାଲତରେ ବିଚାର ନ ହୋଇ ରହିଥିବା ମାମଲାର ତ୍ୱରିତ ବିଚାର ନିମନ୍ତେ ଲୋକ ଅଦାଲତ ମାଧ୍ୟମରେ ଫଇସଲା କରାଯାଉଛି। ଏହି ବ୍ୟବସ୍ଥା ମାଧ୍ୟମରେ ମକଦ୍ଦମାରେ ସମ୍ପୃକ୍ତ ପକ୍ଷମାନେ ବିନା ଅର୍ଥରେ ସୁଫଳ ପାଇପାରୁଛନ୍ତି । ଏ ସମ୍ପର୍କରେ ଅବଗତ ହେବାପାଇଁ କଟକ ଚାନ୍ଦିନୀଚୌକସ୍ଥିତ ସିଭିଲ କୋର୍ଟ ପରିସରରେ ଥିବା ଜିଲା ନ୍ୟାୟିକ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିବା ନିମନ୍ତେ କୁହାଯାଇଛି।

### ଆଭାସୀ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ

ସାଲେପୁର,୧୬।୯(ଡି.ଏନ୍.ଏ)- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର କୋର୍ଟ ପକ୍ଷରୁ ଗୁରୁବାର ପ୍ରଥମ କରି ଆଭାସୀ ମାଧ୍ୟମରେ ଏକ ମାମଲାର ସାକ୍ଷ୍ୟ ଗ୍ରହଣ କରାଯାଇଛି। ଏନେଇ ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ ମାଝି ସୂଚନା ଦେଇଛନ୍ତି। ସାଲେପୁର ଅତିରିକ୍ତ ଜିଲା ଦୌରା ଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ କୋର୍ଟରେ ଏକ ବଧୂ ହତ୍ୟା ମାମଲା (ନଂ. ୯୩/୨୦)ର ଆଭାସୀ ମାଧ୍ୟମରେ ସାକ୍ଷ୍ୟ ଗ୍ରହଣ କରାଯାଇଛି। ତତ୍କାଳୀନ ନେମାଳ ଥାନା ଆଇଆଇସି ତଥା ଅଧୁନା ମାହାଙ୍ଗା ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଏହି ମାମଲାରେ ସାକ୍ଷ୍ୟ ପ୍ରଦାନ କରିଥିଲେ। ସାଲେପୁର ଉପଖଣ୍ଡ ପୋଲିସ ଅଧିକାରୀ ମାଝି ଏହାକୁ ସଂଯୋଜନା କରିଥିବାବେଳେ ସରକାରୀ ଓକିଲ ଯତୀନ୍ଦ୍ର ନାଥ ଉପସ୍ଥିତ ଥିଲେ।

# ୩୮୫୦ ପରିବାର ପ୍ରଭାବିତ

ନିଶ୍ଚିନ୍ତକୋଇଲି,୧୬।୯(ସ୍ୱ.ପ୍ର.)

ଲଘୁଚାପଜନିତ ଲଗାଣବର୍ଷାରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଖାଲୁଆ ଜାଗାରେ ପାଣି ପଶିବା ସହ ଏବେବି ଅନେକ ଚାଷ ଜମି ପାଣିରେ ବୁଡ଼ି ରହିଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସିତ ହୋଇ ପାରୁନାହିଁ। ପ୍ରଶାସନର ପ୍ରାଥମିକ ତଦନ୍ତ ଅନୁଯାୟୀ, ବ୍ଲକରେ ୩୮୫୦ ପରିବାର ଲଗାଣ ବର୍ଷାରେ ପ୍ରଭାବିତ ହୋଇଥିବା ବେଳେ ୬୭୦୦ ହେକ୍ଟର ଧାନ କ୍ଷେତ ପାଣିରେ ବୁଡି ରହିଛି। ଅପରପକ୍ଷରେ ମହାନଦୀ,ଚିତ୍ରୋପ୍ତଳା ଓ ଲୁଣାନଦୀର ଜଳସ୍ତର ବୃଦ୍ଧିପାଉଥିବାରୁ ନଦୀ ପଠାରେ ବସବାସ କରୁଥିବା ଦୀପାଞ୍ଚଳବାସୀ ଭୟଭୀତ ହୋଇଯାଇଛନ୍ତି।

ବ୍ଲକର ୧୩ ପଞ୍ଚାୟତର ୧୬ଗ୍ରାମରେ ଥିବା ୩୧ ୱାର୍ଡ ଏଥିରେ ପ୍ରଭାବିତ ହୋଇଛି। ବରାଦୋ ପଞ୍ଚାୟତର ୫ନଂ. ୱାର୍ଡ, ଜୟରାମପୁର,


ଜଳଘେରରେ ରହିଥିବା ଗ୍ରାମବାସୀ।

ଉତ୍ତରକୂଳ ପଞ୍ଚାୟତର ବହୁ ଗ୍ରାମ ଏବେବି ଜଳବନ୍ଦୀ ହୋଇ ରହିଛି। ବ୍ଲକ ପ୍ରଶାସନର ଆକଳନ ଅନୁଯାୟୀ, ବିଭିନ୍ନ ଅଞ୍ଚଳରେ ଥିବା ୧୦ ରାସ୍ତାରେ ଘାଇ ସୃଷ୍ଟି ହୋଇଛି। ଉକ୍ତ ରାସ୍ତାଗୁଡିକୁ ତୁରନ୍ତ ମରାମତିର ଆବଶ୍ୟକତା ରହିଛି। ୧୦୦ ହେକ୍ଟରରୁ ଉର୍ଦ୍ଧ୍ୱ ପରିବା ଚାଷ ପ୍ରଭାବିତ ହୋଇଛି। ଫଳରେ ପରିବା ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ରାମକୃଷ୍ଣପୁର-ଓସ୍ତପୁର ହାଇସ୍କୁଲ, ବରାଦ ରଥଦାଣ୍ଡ ଉପ୍ରା ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟରେ ପାଣି ଜମି ରହିଛି। ଫଳରେ ନବମ ଓ ଦଶମ ଶ୍ରେଣୀର ଶିକ୍ଷାଦାନ ପ୍ରଭାବିତ

**ଲଘୁଚାପଜନିତ ବର୍ଷା ପରେ କ୍ଷୟକ୍ଷତି ଆକଳନ**

- ବିଭିନ୍ନ ନଦୀରେ ଜଳସ୍ତର ବଢ଼ୁଛି
- ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନି
- ପନିପରିବା ଦର ଆକାଶଛୁଆଁ

ହୋଇଛି। ସରକାରୀ ସହାୟତାରେ ମତ୍ସ୍ୟଚାଷ କରିଥିବା ଚାଷୀମାନେ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। ମାଛଗୁଡ଼ିକ ପୋଖରୀ ଛାଡି ପଳାଇ ଯାଇଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ଆକଳନ ପାଇଁ ବ୍ଲକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ କର୍ଣ୍ଣଦେବ ସମାଦ୍ଦାର ଏଥିରେ ଯୋଗଦେଇ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାକୁ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ନିବେଦନ କରିଛନ୍ତି।

## ଓଡ଼ିଆ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

ମାହାଙ୍ଗା,୧୬।୯(ସ୍ୱ.ପ୍ର.)



ଛତିଶଗଡ଼ସ୍ଥିତ ଦାନ୍ତେୱାଡା ସେକ୍ଟରରେ ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଜଣେ ଓଡ଼ିଆ ଯବାନଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସିପୁରା ଗ୍ରାମର ବାବାଜି ଚରଣ ସାହୁଙ୍କ ପୁଅ ବିକ୍ରମ କେଶରୀ ସାହୁ (୩୦)। ତାଙ୍କ ମୃତଦେହ ଗୁରୁବାର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମ ଶ୍ମଶାନରେ ସିଆରପିଏଫ୍ ଯବାନଙ୍କ ପକ୍ଷରୁ ତୋପ ସଲାମି ଦିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବିକ୍ରମ ୨୦୧୧ରେ ସିଆର୍‌ପିଏଫ୍‌ରେ ଯୋଗ ଦେଇଥିଲେ। ଗତ ମଙ୍ଗଳବାର ସେ ଡ୍ୟୁଟିରେ ଥିବା ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସନ୍ଧ୍ୟାରେ ମୃତଦେହ ଛତିଆରେ ପହଞ୍ଚିବା ପରେ ସେଠାରୁ ଶୋଭାଯାତ୍ରାରେ ସିପୁରା ଗ୍ରାମକୁ ନିଆଯାଇଥିଲା। ଏହି ଶୋଭାଯାତ୍ରାରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପଟ୍ଟନାୟକ, ଜୋନ ସଭାପତି ଦୀନବନ୍ଧୁ ସାହୁ, ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ କର,ରାକେଶ ସାହୁ ଓ ଦୀପକ ଦାଶ ପ୍ରମୁଖ ଯୋଗଦେଇଥିଲେ। ଶ୍ମଶାନରେ ଭାଇ ସଂଗ୍ରାମ ସାହୁ ମୁଖାଗ୍ନି ଦେଇଥିଲେ ।



କଟକ ମହାନଗର ନିଗମ(ସିଏମ୍‌ସି)ଦ୍ୱାରା ଯୋଗ୍ୟ ବିବେଚିତ ବାସହୀନ ହିତାଧିକାରୀଙ୍କ ନାମ ତାଲିକା ପ୍ରକାଶ କରିବା ଦାବିରେ ବସ୍ତିବାସୀଙ୍କ ଏକତାମଞ୍ଚ ପକ୍ଷରୁ ଗୁରୁବାର ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।

## ବ୍ଲକ ଅଫିସ ଆଗରେ ବିକ୍ଷୋଭ

ବାରଙ୍ଗ,୧୬।୯(ଡି.ଏନ୍.ଏ.)

ଭୁବନେଶ୍ୱର ବ୍ଲକ ସମ୍ମୁଖରେ ଗୁରୁବାର ୧୫ଦଫା ଦାବିରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ) ଚନ୍ଦକା ଆଞ୍ଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚନ୍ଦକା ଅଞ୍ଚଳର ଗରିବ ଆଦିବାସୀ, ଦଳିତ ଏବଂ ସାଧାରଣ ଲୋକଙ୍କ ଜମି, ଘରଡିହ ପଟ୍ଟା, ଜଙ୍ଗଲ ଜମିର ଅଧିକାର, ପିଇବା ପାଣି, ବିଦ୍ୟୁତ୍, ରାସ୍ତାଘାଟ ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ ବ୍ୟବସ୍ଥା ଆଦି ଦାବି ଅନ୍ତର୍ଭୁକ୍ତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏହି ବିକ୍ଷୋଭରେ ସାଲ ମାରାଣ୍ଡି, ଜୟ ପ୍ରକାଶ ଭଞ୍ଜଦେଓ, ବିକଳି ଦେହୁରୀ, ସାବିତ୍ରୀ ହେମ୍ବ୍ରମ, ମଙ୍ଗୁଳି ଚାତର ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରକ୍ ଧକ୍କାରେ ବୃଦ୍ଧ ମୃତ

କଟକ ଅଫିସ, ୧୬।୯

ମଧୁପାଟଣା ଓଭରବ୍ରିଜ ଉପରେ ଗୁରୁବାର ସକାଳେ ଟ୍ରକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ବାଲିସାହିର କାର୍ତ୍ତିକ ଦାସ। ସକାଳ ପ୍ରାୟ ୭ଟାରେ କାର୍ତ୍ତିକ ଭୁବନେଶ୍ୱରରୁ ଏକ ସ୍କୁଟି(ଓଆର-୦୫ଟି-୧୧୫୬)ରେ କଟକ ଅଭିମୁଖେ ଆସୁଥିଲେ। ଗୋପାଳପୁର ବ୍ରିଜ ଅତିକ୍ରମ କରି ମଧୁପାଟଣା ଫ୍ଲାଏଓଭର ଚଢିବା ବେଳକୁ ପଛପଟୁ ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କାର୍ତ୍ତିକଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଥିବାବେଳେ କିଛି ସମୟ ଧରି ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ମଧୁପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଇଥିଲା। ଏଥିସହ ଦୁର୍ଘଟଣା ଘଟାଇଥିବା ଟ୍ରକ (ଏପି ୩୭ଟିଏ-୪୪୫୯) ଜବତ କରାଯାଇଥିବା ଥାନାଧିକାରୀ ତୁଷାରକାନ୍ତ ସେଠୀ ସୂଚନା ଦେଇଛନ୍ତି।

## ୧.୨ କେଜି ବ୍ରାଉନସୁଗାର ଜବତ, ୨୮ ଗିରଫ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

**‘ହ୍ୱାଇଟ୍ ସ୍ୱାଇଡର୍’ ଅଭିଯାନକୁ ମାସେ**

ରାଜଧାନୀରେ ବ୍ରାଉନସୁଗାର କାରବାର ବଢି ଚାଲିଥିବାରୁ ଏଥିରେ ଅଙ୍କୁଶ ଲଗାଇବା ପାଇଁ କମିଶନରେଟ ପୋଲିସ ଗତ ଅଗଷ୍ଟ ୧୫ରେ ‘ହ୍ୱାଇଟ୍ ସ୍ୱାଇଡର’ ନାମରେ ଏକ ଅଭିଯାନ ଆରମ୍ଭ କରିଥିଲା। ତେବେ ଏହି ଅଭିଯାନକୁ ଗୁରୁବାର ମାସେ ପୂରିଥିବାବେଳେ ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ରିପୋର୍ଟ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ, ଅଭିଯାନର ଆରମ୍ଭ ହେବାର ଏକ ମାସ ମଧ୍ୟରେ ୯ଟି ମାମଲା ରୁଜୁ କରାଯାଇଥିବାବେଳେ ୨୮ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ମୋଟ ୧ କେଜି ୨୦୦ ଗ୍ରାମ ବ୍ରାଉନସୁଗାର ଓ ୩ ଲକ୍ଷ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମଧ୍ୟ ଜବତ କରାଯାଇଛି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି, ବ୍ରାଉନସୁଗାର କାରବାର କରୁଥିବା ବେପାରୀଙ୍କ ସମ୍ପର୍କରେ ସୂଚନା ପାଇଲେ ହ୍ୱାଟ୍ସଆପ୍ (ନଂ.୭୦୭୭୭୯୮୧୧) ମାଧ୍ୟମରେ ଜଣାନ୍ତୁ। ବ୍ରାଉନସୁଗାର ବିରୋଧରେ ଆରମ୍ଭ କରାଯାଇଥିବା ଅଭିଯାନକୁ ସଫଳ କରିବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ମଙ୍ଗଳଚଣ୍ଡୀ ପୂଜା

କଟକ ଅଫିସ, ୧୬।୯

କଟକ ଚୌଧୁରୀବଜାର ଦୁର୍ଗାମନ୍ଦିର ପରିସରରେ ମଙ୍ଗଳବାରଠାରୁ ୮ ଦିନ ଧରି ମା’ ମଙ୍ଗଳଚଣ୍ଡୀ ପୂଜା ଆରମ୍ଭ ହୋଇଛି। କୋଭିଡ ଗାଇଡ୍‌ଲାଇନ୍ ଅନୁଯାୟୀ ପୂଜା ସମ୍ପାଦନ ହେଉଥିବା କମିଟି ସଭାପତି ଦୀପକ କୁମାର ନନ୍ଦୀ କହିଛନ୍ତି।

## ଋଣ ପ୍ରଦାନ ତ୍ୱରାନ୍ୱିତକୁ ଗୁରୁତ୍ୱ

କଟକ ଅଫିସ,୧୬।୯

**ଜିଲାସ୍ତରୀୟ ବ୍ୟାଙ୍କ ସମୂହ ସଭା**

କଟକ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ତ୍ରୟୋମାସିକ ଜିଲାସ୍ତରୀୟ ବ୍ୟାଙ୍କ ସମୂହ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ ଏସ୍‌ଏଚ୍‌ଜି, ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି ଓ କୃଷି ସମ୍ବନ୍ଧୀୟ ଋଣ ପ୍ରଦାନକୁ ତ୍ୱରାନ୍ୱିତ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ହିତାଧିକାରୀମାନଙ୍କୁ ଠିକ୍ ସମୟରେ ଋଣ ପ୍ରଦାନ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଆର୍‌ବିଆଇ ଅଧିକାରୀ ଟି. ସି. ପାଇକରାୟ ଯୋଗଦେଇ ଜମା ଓ ଋଣ ଅନୁପାତ ବୃଦ୍ଧି ପାଇଁ ବ୍ୟାଙ୍କଗୁଡ଼ିକୁ କହିଥିଲେ। ଏହି ସଭାରେ ନାବାର୍ଡ ଡିଡିଏମ୍ ସିଦ୍ଧାର୍ଥ ଶଙ୍କର ପଣ୍ଡା, ଡିଆର୍‌ଡିଏ ପିଡି ଅମ୍ବର କୁମାର କର, ଏଲ୍‌ଡିଏମ୍ ରାଜେଶ କୁମାର ବେହେରା, ଅଗ୍ରଣୀ ବ୍ୟାଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋକେଶ ମହାପାତ୍ର, ସତ୍ୟନାରାୟଣ ରାଉତ ପ୍ରମୁଖ ଯୋଗଦେଇଥିଲେ।

## ଆକ୍ରମଣରେ ଗୁରୁତର ବୃଦ୍ଧ ମୃତ

ମାହାଙ୍ଗା,୧୬।୯(ସ୍ୱ.ପ୍ର.)

- ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ
- ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇଥିଲେ

ଜମିଜମା ବିବାଦକୁ ନେଇ ଜଣେ ବୃଦ୍ଧଙ୍କୁ ଗତ ୨ ତାରିଖରେ ଆକ୍ରମଣ କରାଯାଇଥିଲା। କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ଥାନା ପଲ୍ଲିସାହି ପଞ୍ଚାୟତ ଅନ୍ତର୍ଗତ ତୁଳସୀପୁର ଗ୍ରାମର ବଟକୃଷ୍ଣ ନାୟକ(୬୩)। ଏନେଇ ତାଙ୍କ ସ୍ତ୍ରୀ ମାଳତୀ ନାୟକ ଥାନାରେ ଅଭିଯୋଗ କରିଥିଲେ। ଏବେ ବଟକୃଷ୍ଣଙ୍କ ମୃତ୍ୟୁପରେ ୧୫ ଦିନ ହେବ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସ୍ତ୍ରୀ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖରେ ଅପରାହ୍ନରେ ବଟକୃଷ୍ଣ ସାଇକେଲରେ ଘରକୁ ଫେରୁଥିଲେ। ଏହି ସମୟରେ ଜମିଜମା ବିବାଦକୁ ନେଇ ଉକ୍ତ ଗ୍ରାମର ରୂପେନ୍ଦ୍ର ନାୟକ ଓ ତାଙ୍କ ପୁତ୍ର କୈଳାସ ନାୟକ ତାଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ପ୍ରଥମେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ମାଳତୀ ମାହାଙ୍ଗା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଏହି ଘଟଣାକୁ ପୋଲିସ ଗୁରୁତ୍ୱ ଦେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତି କହିଛନ୍ତି,୨ ତାରିଖର ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ. ୧୯୩/୨୧) ରୁଜୁ କରାଯାଇଛି। ଅଭିଯୁକ୍ତ କୈଳାସଙ୍କୁ ଗିରଫ କରି ପଚରାଉଚୁରା ଚଳାଇଛି।

## ଜାଲ୍ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୯ (ବ୍ୟୁରୋ)

**ଜିଲା ଶିକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ**

ଜାଲ୍ ଶିକ୍ଷକଙ୍କୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଜିଲା ଶିକ୍ଷା ଅଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ସମଗ୍ର ଶିକ୍ଷା ଓ ବ୍ଲକ୍ ଶିକ୍ଷାଧିକାରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରମୁଖ ଶାସନ ସଚିବ ଅଧ୍ୟକ୍ଷତା କରି ଶିକ୍ଷା ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଇ-ପାଠଶାଳା ଓ ଇ-ମୂଲ୍ୟାୟନର ବ୍ୟାପକତା, ଶିକ୍ଷାର ଭିତ୍ତିଭୂମି ସୁଦୃଢ଼, ଡିଜିଟାଲ ଶିକ୍ଷାକୁ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ କହିଲେ, କୃତୀ ଛାତ୍ରୀଛାତ୍ରଙ୍କୁ ଠିକ୍ ମାର୍ଗରେ ପରିଚାଳିତ କରାଗଲେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର


ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

ଲକ୍ଷ୍ୟ ପୂରଣ ହୋଇପାରିବ। ଜିଲା ଶିକ୍ଷା ଅଧିକାରୀମାନେ ସଂପୃକ୍ତ ଜିଲାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକର ସମସ୍ୟା ତଦାରଖ କରିବା ସହିତ ବିଭାଗର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରନ୍ତୁ। ‘ମୋ ସ୍କୁଲ’ ଅଭିଯାନରେ ଉଚ୍ଚ ମାଧ୍ୟମିକ ରୂପାନ୍ତରଣ ନିମନ୍ତେ ପ୍ରାୟ ୭୫୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କିଛି ପ୍ରକଳ୍ପର କାର୍ଯ୍ୟ ସମ୍ପନ୍ନ ହୋଇଛି। ଏଥିସହ ସେ ବିଭାଗ ଦ୍ୱାରା କ୍ୟାରିୟର କାଉନ୍‌ସେଲିଂ ପୋର୍ଟାଲର ବ୍ୟାପକ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଶିକ୍ଷା ପରାମର୍ଶଦାତା ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଉପଦେଷ୍ଟା ଉପେନ୍ଦ୍ର ପ୍ରସାଦ ତ୍ରିପାଠୀ ଆଦର୍ଶ ବିଦ୍ୟାଳୟ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି, ଧନ୍ଦାମୂଳକ ଶିକ୍ଷା, ନ୍ୟାଶନାଲ ଆଚିଭ୍‌ମେଣ୍ଟ ସର୍ଭେ (ଏନ୍‌ଏଏସ୍) ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି, ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା କର୍ମଚାରୀ ଓ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ହାଇସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷମାନେ ନିଜେ ନିୟମିତ ଶିକ୍ଷା ରୁଟିନ୍ ଅନୁଯାୟୀ ଶିକ୍ଷାଦାନ ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଶିକ୍ଷା ଅଧିକାରୀମାନେ ଭର୍ଚୁଆଲରେ ଯୋଗଦେଇଥିଲେ।



କଟକ ନୂଆପଡା ବାଲିସାହି ଆଦିବାସୀ ବସ୍ତିରେ ଜମି ରହିଥିବା ବର୍ଷାଜଳ ନିଷ୍କାସନ ଦାବିରେ ଅଖିଳ ଓଡ଼ିଶା ଝୋପଡପଟି ମହାସଂଘ ଏକତା ପକ୍ଷରୁ ଗୁରୁବାର କଟକ ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।


କଟକ ଗୌରୀଶଙ୍କର ପାର୍କ ନିକଟ ଏକ ଦୋକାନରୁ ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମାକୁ ଜଣେ ମହିଳା କିଣୁଛନ୍ତି।